## ସଂକ୍ଷେପରେ

### ବ୍ୟବସାୟୀଙ୍କ ସୁନା ଚେନ୍ ଲୁଟ୍

ଧର୍ମଶାଳା,୯।୪(ବଟକୃଷ୍ଣ ପରିଡା): ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ପ୍ରଭୁମଣ୍ଡପ ନିକଟରେ ମଙ୍ଗଳବାର ରାତିରେ ଜଣେ ବ୍ୟବସାୟୀ ଘରକୁ ଫେରୁଥିବାବେଳେ ତାଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ଦୁର୍ବୃତ୍ତ ସୁନାଚେନ୍ ଲୁଟି ନେଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ବ୍ୟବସାୟୀ ହେଲେ ସ୍ଥାନୀୟ ବଡ଼ମଙ୍ଗଳପୁର (ନାଉପାଳ) ଗ୍ରାମର ଅକ୍ଷୟ କୁମାର ରାଉତ। ସେ ଜାରକା ସିନେମା ହଲ ନିକଟରେ ପାନ ଓ ଜଳଖିଆ ଦୋକାନ କରିଛନ୍ତି। ରାତିରେ ଅକ୍ଷୟ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ଏହି ସମୟରେ ପଛରୁ ବାଇକ୍‌ରେ ୨ଯୁବକ ଆସି ସେ ପିନ୍ଧିଥିବା ୨ଭରି ଓଜନର ସୁନାଚେନ୍ ଲୁଟି ନେଇ ଚଣ୍ଡିଖୋଲ ଆଡ଼କୁ ପଳାଇ ଯାଇଥିଲେ। ଅକ୍ଷୟଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୪୬/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

# ସମସ୍ୟା ସମାଧାନ ଦାବିରେ ଧାରଣା

### ଜରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ସିଂହପୁର,୯।୪(ଅନଙ୍ଗ ଉଦୟ ବେଉରିଆ):



ଜରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଞ୍ଚଳିକ ବୁଦ୍ଧିଜୀବୀ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି।

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରି ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଲାଗିରହିଥିବା ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଆଞ୍ଚଳିକ ବୁଦ୍ଧିଜୀବୀ ମଞ୍ଚ ପକ୍ଷରୁ ଜରି, ଛନ୍ଦାମୁଣ୍ଡ, ବାଙ୍ଗରା ଅଞ୍ଚଳର ଶତାଧିକ ଲୋକ ଗୁରୁବାର ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଧାରଣାରେ ବସିଛନ୍ତି। ଅଞ୍ଚଳରେ ରୋଗୀ ସେବା ପାଇଁ ଏହି କେନ୍ଦ୍ର ଏକମାତ୍ର ଭରସା ପାଲଟିଛି। ଏଠାରେ ସ୍ଥାୟୀ ଡାକ୍ତର, ଫାର୍ମାସିଷ୍ଟ ନିଯୁକ୍ତି ସହ ପ୍ରସୂତି କକ୍ଷ, ପର୍ଯ୍ୟାପ୍ତ ଔଷଧ ଗଚ୍ଛିତ ରଖିବା ପାଇଁ ଦାବି ହୋଇ ଆସୁଛି। ମାତ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଦିବାରାତ୍ର ଧାରଣା ଦିଆଯାଇଛି। ଏଠାରେ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ଅଞ୍ଚଳବାସୀ ଜିଲାପାଳ, ଜିଲା ମୁଖ୍ୟଚିକିତ୍ସା ଅଧିକାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ ମଧ କୌଣସି ସୁଫଳ ପାଇନାହାନ୍ତି।

ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ଏହି ଅଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବା ଉପଲବ୍ଧ ଲକ୍ଷ୍ୟରେ ୫୪ ବର୍ଷ ପୂର୍ବରୁ ସ୍ଥାନୀୟ ଲୋକଙ୍କ ପ୍ରଚେଷ୍ଟାରେ ଗଢି ଉଠିଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଦୁରବସ୍ଥା ସେବେ ଯେମିତି ଥିଲା ଏବେ ମଧ୍ୟ ସେମିତି ରହିଛି। ଫଳରେ ସାଧାରଣ ଜ୍ୱର, ଥଣ୍ଡା ହେଲେ ଏହି ଅଞ୍ଚଳର ଲୋକଙ୍କୁ ବିଞ୍ଝାରପୁର କିମ୍ବା ଯାଜପୁର ଯିବାକୁ ପଡୁଛି। ସାପ କିମ୍ବା କୁକୁର କାମୁଡ଼ା ରୋଗୀ ଓ ଗର୍ଭବତୀଙ୍କ ଦୁଃଖ କହିଲେ ନସରେ। ଏଠାରେ ଔଷଧ ଓ ଚିକିତ୍ସା ସୁବିଧା ନ ଥିବାରୁ ଅନେକ ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବା ସମୟରେ ବାଟରେ ଆଖି ବୁଜୁଛନ୍ତି। ଆଞ୍ଚଳିକ ବୁଦ୍ଧିଜୀବୀ ମଞ୍ଚ ପକ୍ଷରୁ ବ୍ରହ୍ମାନନ୍ଦ ମଲ୍ଲିକ, ବିଷ୍ଣୁ ଚରଣ ଭୂୟାଁ, ଗଣିନାଥ ବିଶ୍ୱାଳ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ନାଗରିକ ଏହି ଧାରଣାରେ ସାମିଲ ହୋଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ହଟିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

# ୨ ବ୍ରାଉନସୁଗାର ସେବନକାରୀଙ୍କୁ ପୋଲିସ ଜିମା

ବିଞ୍ଝାରପୁର,୯।୪(ରାମକୃଷ୍ଣ ଦାସ):

ବିଞ୍ଝାରପୁର ଥାନା ଅଞ୍ଚଳରେ ବ୍ରାଉନସୁଗାର, ଗଞ୍ଜେଇ ଓ ମଦର ବ୍ୟାପକ ଚୋରା କାରବାର ହେଉଥିବା ବିଭିନ୍ନ ମହଲରୁ ଅଭିଯୋଗ ହେଉଛି। ପୋଲିସର ନିଷ୍କ୍ରିୟତା ଫଳରେ ଏସବୁର ଚୋରାକାରବାର ଦିନକୁ ଦିନ ବୃଦ୍ଧି ପାଉଛି। ଫଳରେ ଏହାର ଶିକାର ହେଉଛନ୍ତି ଯୁବଗୋଷ୍ଠୀ। ବିଞ୍ଝାରପୁର ଅଞ୍ଚଳର ବିଭିନ୍ନ ନିର୍ଜନ ରାସ୍ତା ଓ ପଡ଼ିଆରେ ନିଶାସକ୍ତ ଯୁବଗୋଷ୍ଠୀଙ୍କ ଆସର ଜମୁଛି। ବାରମ୍ବାର ଏହି ଚୋରା କାରବାରକୁ ନେଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଞ୍ଝାରପୁର ଥାନାରେ ଅଭିଯୋଗ ହେଉଛି, ମାତ୍ର ପୋଲିସ କେବଳ ପାଟ୍ରୋଲିଂ କରି ନିଜର ଦାୟିତ୍ୱ ସମ୍ପାଦନ କରୁଛି। ତେଣୁ କିଛିଦିନ ହେବ ମଇଁନ୍ଦା ଅଞ୍ଚଳର ସଚେତନ ଗ୍ରାମବାସୀ ଏହାର ପ୍ରତିକାର ପାଇଁ ଏହି ଚୋରାବ୍ରାଉନ ସୁଗାର କାରବାର ଓ ସେବନ କରୁଥିବା ନିଶାସକ୍ତଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏହିକ୍ରମରେ ଗୁରୁବାର ଅପରାହ୍ନରେ ବିଞ୍ଝାରପୁର ଥାନା ଅନ୍ତର୍ଗତ ଘଣ୍ଟିଆଳି ପଞ୍ଚାୟତ ବଣିଆପାଳ ଗ୍ରାମର ନିର୍ଜନ ପଡ଼ିଆରୁ ୨ ବ୍ରାଉନସୁଗାର ନିଶାସେବନ କରୁଥିବା ଯୁବକଙ୍କୁ ସ୍ଥାନୀୟ ଗ୍ରାମବାସୀ କାବୁ କରିବା ସହିତ ସେମାନଙ୍କ ନିକଟରୁ ୪ ବ୍ରାଉନସୁଗାର ପୁଡ଼ିଆ, ଏକ ବାଇକ୍ ଜବତ କରି ପୋଲିସ ଜିମା ଦେଇଛନ୍ତି। ଧରାପଡ଼ିଥିବା ଯୁବକ ଦ୍ୱୟ ହେଲେ ଯାଜପୁର ଜାହାନପୁର ଅଞ୍ଚଳର ଶିବଚରଣ ସେଠୀ(୨୦)ଓ ବିଞ୍ଝାରପୁର ଅରେଇ ଗ୍ରାମର ଜଗନ୍ନାଥ ସାହୁ(୨୨)। ପୋଲିସ ଏହି ୨ ଯୁବକଙ୍କୁ ଆଣି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ଘର ପାଖରୁ ବାଇକ୍ ଚୋରି ଅଭିଯୋଗ

ପାଣିକୋଇଲି,୯।୪(ବିକାଶ ଚନ୍ଦ୍ର ମଲ୍ଲିକ):

ପାଣିକୋଇଲି ଅଞ୍ଚଳରେ ଚୋରି ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଏଠାରେ ଜିଲା ପୋଲିସ ମୁଖ୍ୟାଳୟ ଥାଇ ମଧ୍ୟ ଲୁଟେରା ପୋଲିସକୁ ଖାତିର କରୁନାହାନ୍ତି। ରାଜପଥଠାରୁ ଆରମ୍ଭ କରି ହାଟ ବଜାର ଓ ଗ୍ରାମାଞ୍ଚଳ ସବୁଠି ଚୋରି ବୃଦ୍ଧି ପାଇବାରେ ଲାଗିଛି। ଏହିକ୍ରମରେ ପାଣିକୋଇଲି ଥାନା ଅନ୍ତର୍ଗତ ଅଳତିରି କାଙ୍କଲାପାଟଣା ଗ୍ରାମରେ ଘରେ ଥିବା ବାଇକକୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ରଘୁନାଥ ବେହେରା ତାଙ୍କ ବାଇକ ଘର ନିକଟରେ ରଖି ରାତିରେ ଶୋଇଥିଲେ। ସକାଳୁ ଦେଖିବା ବେଳେକୁ ତାଙ୍କ ବାଇକ (ଓଡି୦୪କ୍ୟୁ୩୯୩୩) ନ ଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ସିଂହପୁର,୯।୪(ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୦ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି।

ଏଥିରେ ମୁଖ୍ୟଅତିଥିଭାବେ ଧର୍ମଶାଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସଙ୍କୁଳ ପ୍ରମୁଖ ଗଗନ ବିହାରୀ ବେହେରା, ବିଦ୍ୟା ମନ୍ଦିର ଉପସଭାପତି ଗାୟତ୍ରୀ ଧଳ, ସହ ସମ୍ପାଦକ ରତ୍ନାକର ସାହୁ, କୋଷାଧ୍ୟକ୍ଷ ନିର୍ମଳ ଚନ୍ଦ୍ର ମଲ୍ଲିକ, ସଦସ୍ୟ ଅକ୍ଷୟ କୁମାର ସେଠୀ, ସଦସ୍ୟା ଭାଗ୍ୟଲକ୍ଷ୍ମୀ ସାହୁ ଓ ପାଳକ ବାଇଧର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ବକ୍ତବ୍ୟରେ ଶିଶୁଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ପ୍ରାକ୍ତନ କାର୍ଯ୍ୟକର୍ତ୍ତା ଯୋଗଦେଇ ଉତ୍ସବର ଗରିମା ବୃଦ୍ଧି କରିଥିଲେ। ସଭାପତି ଅଧାପକ ପ୍ରସନ୍ନ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ପ୍ରଧାନଆଚାର୍ଯ୍ୟ ବୀରକିଶୋର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସୁଶାନ୍ତ ସାମଲ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟା ମନ୍ଦିରର ସମସ୍ତ ଗୁରୁମାଗୁରୁଜୀ, ଅଭିଭାବକ ଯୋଗଦେଇ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା।

# ଗାଁରେ ଜୟ ଯବାନ, ଜୟ କିଷାନ ନାରା ପହଞ୍ଚିବା ଉପରେ ଗୁରୁତ୍ୱ

### ନବ ନିର୍ମାଣ କୃଷକ ସଂଗଠନର ବୈଠକ

ଚଣ୍ଡିଖୋଲ/ବଡ଼ଚଣା,୯।୪(ପ୍ରଦୀପ୍ତ କୁମାର ପୃଷ୍ଟି/ ଦିଲୀପ କୁମାର ମହାନ୍ତି):

ବଡ଼ଚଣା ବ୍ଲକ ନବନିର୍ମାଣ କୃଷକ ସଂଗଠନ ତରଫରୁ ଏକ ଜୋନସ୍ତରୀୟ ଚାଷୀଙ୍କ ବୈଠକ ଧାନମଣ୍ଡଳ ପଞ୍ଚାୟତର ସାଇମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଭିରାମ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାଜ୍ୟ ସହସଂଯୋଜକ ନିମାଇଁ ରାୟ ଯୋଗଦେଇ ଆଗାମୀ ଦିନରେ କିପରି ଜୟ ଯବାନ, ଜୟ କିଷାନ ନାରା ପ୍ରତି ଗାଁରେ ପହଞ୍ଚିବ ତା' ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା ସଂଯୋଜକ ଦୁର୍ଗାପ୍ରସାଦ ଦାଶ କହିଥିଲେ, ଜାତୀୟ ରାଜପଥରେ ଗଳି ପୋଲ ନ ଥିବାରୁ ସୁଙ୍ଗୁଡା ଓ ଧାନମଣ୍ଡଳ ଚାଷୀ ରାସ୍ତା ପାର ହେବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହିତ ସଂଗଠନର ରାଜ୍ୟ ନେତୃତ୍ୱଙ୍କୁ ପୋଲିସ ମିଛ କେଶରେ ଫସାଇ ଜେଲ ପଠାଇଥିବାରୁ ସେ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ଖଲାସ ଦାବି କରିଥିଲେ। ସଭାରେ ବରୀ ବ୍ଲକ ସଂଯୋଜକ ମାଧବ ଶାନ୍ତି, ଯାଜପୁର ବ୍ଲକ ସଂଯୋଜକ ଧନଞ୍ଜୟ ବିଶ୍ୱାଳ, ବଡ଼ଚଣା ବ୍ଲକ ସଂଯୋଜକ ନଗେଶ ଜେନା, ଜୋନସ୍ତରୀୟ ନେତୃତ୍ୱ ପ୍ରଫୁଲ୍ଲ ନାୟକ, ଅରୁଣ ପ୍ରଧାନ, ପ୍ରଦୀପ୍ତ ମହାପାତ୍ର, ଶୈଳେନ୍ଦ୍ର ଦାସ, କେଶବ ଦାସ, ଧନେଶ୍ୱର ନାୟକ, ଲକ୍ଷ୍ମୀଧର ନାୟକ, ଖଗେଶ୍ୱର ନାୟକ, ଭରତ ଦାସ, ଶ୍ରୀଧର ମହଲ, ରମେଶ ନାୟକ ଓ ଶ୍ରୀନିବାସ କର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଧାନମଣ୍ଡଳ ଗ୍ରାମର ଚାଷୀ ନେତୃତ୍ୱ ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା।

# ମା' ତାରିଣୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ

ପାଣିକୋଇଲି,୯।୪(ବିକାଶ ଚନ୍ଦ୍ର ମଲ୍ଲିକ):

ପାଣିକୋଇଲିସ୍ଥିତ ମା' ତାରିଣୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟାପକ ଅଭିମନ୍ୟୁ ପଣ୍ଡା ମଙ୍ଗଳାଚରଣ ପାଠ କରି ଅତିଥିଙ୍କ ଆଗମନ କରାଇଥିଲେ। ଅଧ୍ୟାପକ ମଦନମୋହନ ପାତ୍ରଙ୍କ ସଂଯୋଜନା ଓ ଅଧ୍ୟକ୍ଷ ଚନ୍ଦ୍ରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଯୁକ୍ତ ୨ ବିଦ୍ୟାଳୟ ଅଧ୍ୟକ୍ଷା ବସନ୍ତ ମଞ୍ଜରୀ ସାହୁ ଓ ସମ୍ମାନିତ ଅତିଥି ଭାବେ କୋରେଇ ବିଡିଓ ଅବନୀକାନ୍ତ ସାହୁ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ ପରେ ଅଧ୍ୟାପକ ପ୍ରତାପ ଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ସମରେନ୍ଦ୍ର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟକ୍ଷ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ମହାବିଦ୍ୟାଳୟରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଅଧ୍ୟାପକ ଶୁଭକାନ୍ତ ପାତ୍ରଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହିଅବସରରେ ବିଧାୟକ ଦାସନାୟକଙ୍କ ଦ୍ୱାରା ମହାବିଦ୍ୟାଳୟ ନୂତନ ଫାଟକ ଓ ଏକ ରକ୍ତଦାନ ଶିବିର ଉଦ୍‌ଘାଟିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଅଧ୍ୟାପକ ସୋମନାଥ ପତି ଧନ୍ୟବାଦ ଦେଇଥିଲେ।


ମା' ତାରିଣୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଧର୍ମଶାଳା ପବ୍ଲିକ୍ ସ୍କୁଲ୍ କନ୍‌ଫରେନ୍ସ ହଲ୍ ଉଦ୍‌ଘାଟିତ



ଧର୍ମଶାଳା,୯।୪(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଶିଙ୍ଘାରିଢ଼ିହସ୍ଥିତ ଧର୍ମଶାଳା ପବ୍ଲିକ୍ ସ୍କୁଲ୍‌ର ନୂତନ ଅତ୍ୟାଧୁନିକ କନଫରେନ୍‌ସ୍ ହଲ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମଧୁପୁର କଲେଜ ଅଧ୍ୟକ୍ଷ କୁଶଧର ପଣ୍ଡା ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଉତ୍ସବରେ ସ୍କୁଲ ଅଧ୍ୟକ୍ଷ ସବିତ୍ରନାରାୟଣ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଅଧ୍ୟାପକ କିଶୋର ଚନ୍ଦ୍ର ସାହୁ, ଶିକ୍ଷକ ନେତା ପବିତ୍ର ମାହାଲା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଓ ଅତ୍ୟାଧୁନିକ ଶିକ୍ଷା ପ୍ରଦାନ ପାଇଁ ଏହି ହଲ ସହାୟକ ହେବ ବୋଲି ସୂଚନା ଦେଇଥିଲେ। ଏହି ହଲ୍‌ରେ ୬ଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ଯାଏ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରାଯିବ ବୋଲି ସ୍କୁଲ୍‌ର ଉପନିର୍ଦ୍ଦେଶକ ଦେବ ଦର୍ଶନ ସାମଲ କହିଥିଲେ। ଶିକ୍ଷୟିତ୍ରୀ ଏମ୍ ପ୍ରିୟଦର୍ଶନୀ ଧନ୍ୟବାଦ ଦେଇଥିଲେ।

# ବାବା ଭୈରବାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଚଣ୍ଡିଖୋଲ,୯।୪(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ୍ ଅଧୀନ ଚଣ୍ଡିଖୋଲ ବାବା ଭୈରବା ନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାବା ଭୈରବା ନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ସଭା ଆରମ୍ଭ ହୋଇଥିଲା। ଉକ୍ତସଭାରେ ମୁଖ୍ୟ ଅତିଥି ଭାବରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏନ୍‌ଏସ୍‌ଏସ୍ ଭୁବନେଶ୍ୱରର ପ୍ରୋଗ୍ରାମ କୋଅର୍ଡିନେଟର୍ ବିଶ୍ୱମୋହନ ଜେନା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଏନ୍‌ଏସ୍‌ଏସ୍ ସମ୍ବନ୍ଧିତ ତଥ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ପିଲାଙ୍କ କ୍ୟାରିୟର କାଉନସେଲିଂ କିପରି ଏନ୍‌ଏସ୍‌ଏସ୍ ଦ୍ୱାରା ହୋଇପାରିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୃତତ୍ତ୍ୱ ବିଭାଗ ଡେମୋନ୍‌ଷ୍ଟ୍ରେଟର ସଂଘମିତ୍ରା ସାହୁ, ନୃତତ୍ତ୍ୱ ବିଭାଗ ଅଧ୍ୟାପକ ବରୁଣ ବଳ, ରାଜନୀତି ବିଭାଗ ଅଧ୍ୟାପିକା ଚିନ୍ମୟୀ ସାହୁ ଯୋଗଦେଇ ସଭାକୁ ସମ୍ବୋଧନ କରିଥିଲେ। ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପିକା ଶର୍ମିଷ୍ଠା ପଣ୍ଡା ଧନ୍ୟବାଦ ଦେଇଥିଲେ।



ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

# ଗହୀରମଥାରେ ୩୨ ଫୁଟ୍‌ର ମୃତ ତିମି

ରାଜନଗର,୯।୪ (ଭାସ୍କର ରାଉତରାୟ) ବିଶ୍ୱ ପ୍ରସିଦ୍ଧ କଇଁଛ ଅନ୍ତୁଡ଼ିଶାଳ ଭାବେ ପରିଚିତ ଗହୀରମଥାରେ ୩୨ ଫୁଟ୍ ଲମ୍ବର ମୃତ ତିମି ଗୁରୁବାର ଲାଗିଛି। ମଲା ତିମି କୂଳରେ ଲାଗିବା ପରେ ସେଠାରେ କଇଁଛ ସୁରକ୍ଷା ପାଇଁ ନିୟୋଜିତ ବନ କର୍ମଚାରୀ ରାଜନଗର ଡିଏଫ୍‌ଓ ଭର୍ଦରାଜ ଗାଓଁକରଙ୍କୁ ସୂଚନା ଦେଇଥିଲେ। ଡିଏଫ୍‌ଓ ଗାଓଁକରଙ୍କ ନିର୍ଦ୍ଦେଶରେ ଅପରାହ୍ନ ୫ଟାରେ ରାଜନଗର ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରକାଶ କୁମାର ଜେନା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତିମିର ବ୍ୟବଚ୍ଛେଦକରି ଫେରିଛନ୍ତି।

# ଶାନ୍ତି ପାଇଁ ସିଆଇଟିୟୁର ସଭା



ସିଆଇଟିୟୁ ପକ୍ଷରୁ ଗୋପବନ୍ଧୁ ଛକଠାରେ ଅନୁଷ୍ଠିତ ସଭାରେ ଯୋଗ ଦେଇଥିବା କର୍ମକର୍ତ୍ତା।

ବ୍ୟାସନଗର,୯।୪ (ପବିତ୍ର ରଞ୍ଜନ ମହାନ୍ତି):

ମଧ୍ୟପ୍ରାଚ୍ୟରେ ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଲାଗିରହିଥିବା ଯୁଦ୍ଧରେ ବିଶ୍ୱ ଆଜି ଥରହର। ଆମେରିକା, ଇସ୍ରାଏଲର ବିସ୍ତାରବାଦୀ ଓ ଯୁଦ୍ଧଖୋର ନୀତି ପାଇଁ ଅନ୍ୟଦେଶଗୁଡିକ ପ୍ରଭାବିତ ହେଉଛନ୍ତି। ଏଥିରୁ ଭାରତ ମଧ ବାଦ ପଡ଼ିନାହିଁ। ଭାରତରେ ରନ୍ଧନ ଗ୍ୟାସ, ତୈଳ ଓ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିଛି। ତେଣୁ ଯୁଦ୍ଧ ବଦଳରେ ଶାନ୍ତି ପାଇଁ ସିଆଇଟିୟୁ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ, ଚାଷୀ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନରେ ପରିଣତ କରିବାକୁ ଦାବି କରାଯାଇଛି। ସିଆଇଟିୟୁ ଯାଜପୁର ଜିଲା କମିଟି ଏବଂ ଓଡ଼ିଶା ପରିବହନ ମହାସଂଘ ପକ୍ଷରୁ ମିଳିତ ଭାବେ ଏକ ଶୋଭାଯାତ୍ରା ଯାଜପୁରରୋଡ୍ ରେଳଷ୍ଟେଶନ ନିକଟରୁ ବାହାରି ଗୋପବନ୍ଧୁ ଛକଠାରେ ପହଞ୍ଚିଥିଲା। ସେଠାରେ ସିଆଇଟିୟୁ ଜିଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଜିଲା କମିଟି ସଭ୍ୟ ସୁରେଶ ସାହୁ, ତ୍ରିଲୋଚନ ରାଉତ, ମାଳତୀ ହାଁସଦା, ଜୟରାମ ମୁର୍ମୁ, ଲିଟା ଲାଗୁରୀ, ପନି କିସ୍କୁ, ଗୋବିନ୍ଦ ନାୟକ, ଡିବୁର ପୂର୍ତ୍ତୀ, ରଶ୍ମିରେଖା ନାୟକ, ସୁରିଆ ହେମ୍ବ୍ରମ, ନନ୍ଦିନୀ ମୁଣ୍ଡା, ପ୍ରମିଳା ନାୟକ, ଗୁରୁବାରୀ ଲାଗୁରୀ, ରସାଇ ବାନ୍ଦ୍ରା, କିଷାନ କରାଇ, ଗୌରୀ ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇ ମୋଦି ସରକାରଙ୍କ ଇସ୍ରାଏଲ-ଆମେରିକାକୁ ତୁଷ୍ଟୀକରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ।

# ଗାଡ଼ିରୁ ବ୍ୟାଟେରି ଚୋରି ଅଭିଯୋଗ

ଧର୍ମଶାଳା,୯।୪(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଶଙ୍ଖାରିଢ଼ିହ ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ମଙ୍ଗଳବାର ରାତିରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌ରୁ ୨ଟି ବ୍ୟାଟେରି ଓ ଗୋଟିଏ ଜଗ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସ୍ଥାନୀୟ ଅଚ୍ୟୁତ୍‌ପୁର ଗ୍ରାମର ସୁଶାନ୍ତ ପଣ୍ଡା ଅଭିଯୋଗ କରିଛନ୍ତି ଯେ, ତାଙ୍କ ଭାଇଙ୍କ ନାମରେ ଥିବା ଓଡି୦୭ଏଇ୨୮୨୪ ନମ୍ବର ୧୪ଚକିଆ ଟ୍ରକ୍‌କୁ ଡ୍ରାଇଭର ରଖି ଘରକୁ ଯାଇଥିଲେ। ମାତ୍ର ବୁଧବାର ସକାଳୁ ଆସି ଦେଖନ୍ତି ତ ଗାଡ଼ି ଡୋର୍ ଭଙ୍ଗାଯାଇ ଚୋରି ହୋଇଥିଲା। ସୁଶାନ୍ତଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୪୭/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

# ଧର୍ମଶାଳା ବ୍ଲକକୁ ୪୬% ପାଠ୍ୟ ପୁସ୍ତକ ଯୋଗାଣ

## ପାଠପଢ଼ାରେ ବ୍ୟାଘାତ

ଧର୍ମଶାଳା,୯।୪(ବଟକୃଷ୍ଣ ପରିଡ଼ା):

ଚଳିତ ବର୍ଷ ଏପ୍ରିଲ୍ ୨ରୁ ନୂଆ ଶିକ୍ଷା ବର୍ଷ ଆରମ୍ଭ ହୋଇଛି। ଶିକ୍ଷାବର୍ଷ ଆରମ୍ଭକୁ ସପ୍ତାହେ ବିତିଗଲାଣି। ମାତ୍ର ସରକାରୀ ସ୍କୁଲକୁ ସମସ୍ତ ପାଠ୍ୟପୁସ୍ତକ ପହଞ୍ଚି ପାରିନାହିଁ। ଫଳରେ ବହି ନ ଥିବାରୁ ଛାତ୍ରୀଛାତ୍ର ଖାଲି ସ୍କୁଲ ବ୍ୟାଗ୍ ନେଇ ସ୍କୁଲ ଯାଇ ବସିବସି ଘରକୁ ଫେରୁଛନ୍ତି। ଏମିତି ବିକଳ ସ୍ଥିତିରେ ଆରମ୍ଭ ହୋଇଛି ନୂଆ ଶିକ୍ଷା ବର୍ଷ। ଚଳିତ ବର୍ଷ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ସମସ୍ତ ପାଠ୍ୟ ପୁସ୍ତକ ପରିବର୍ତ୍ତନ କରାଯାଇଛି। ନୂଆ ବହି ନେଇ ଶିକ୍ଷକଙ୍କୁ ପ୍ରଶିକ୍ଷଣ କାର୍ଯ୍ୟ ସରିଛି। ହେଲେ ଆବଶ୍ୟକ ବହିର ଦେଖାନାହିଁ। ପ୍ରଥମରୁ ଅଷ୍ଟମ ଯାଏ ବିଭିନ୍ନ ବିଷୟର ମୋଟ ୫୨ ଖଣ୍ଡ ବହି ପଢ଼ା ହେବା ପାଇଁ ରହିଥିବାବେଳେ ମୋଟ ୨୫ ଖଣ୍ଡ ଅର୍ଥାତ୍ ୪୬% ବହି ଧର୍ମଶାଳା ବିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ବ୍ଲକରେ ରହିଛି ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୨୧୯ ବିଦ୍ୟାଳୟ। ୨୦୨୫-୨୬ ଶିକ୍ଷା ବର୍ଷ ପରିସଂଖ୍ୟାନ ଅନୁଯାୟୀ ୧୯ଟି କ୍ଲଷ୍ଟରରେ ପାଖାପାଖି ୨୨, ୫୦୦ଛାତ୍ରୀଛାତ୍ର ରହିଛନ୍ତି। ସେମାନଙ୍କ ପାଇଁ ୧ ଲକ୍ଷ ୪୬ହଜାର ୮୩୦ ଖଣ୍ଡ ବହି ଆବଶ୍ୟକ ଥିବାବେଳେ ଆଜି ସୁଦ୍ଧା ୬୪ହଜାର ୨୫ଖଣ୍ଡବହି ମିଳିଥିବା ଜଣାଯାଇଛି। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ୨ ଖଣ୍ଡ ଲେଖାଏ, ତୃତୀୟ, ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ପାଇଁ ୬ ଖଣ୍ଡ ଲେଖାଏ, ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ପାଇଁ ୧୦ ଖଣ୍ଡ ଲେଖାଏ ମୋଟ ୫୨ ଖଣ୍ଡ ବହିର ଆବଶ୍ୟକତା ରହିଛି। ତେବେ ଦୁଇଟି ପର୍ଯ୍ୟାୟରେ ସବୁ ଶ୍ରେଣୀର ମୋଟ ୨୫ ଖଣ୍ଡ ବହି ଅଦ୍ୟାବଧି ବିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଛି। ସେଥି ମଧ୍ୟରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଦୁଇଟି ଲେଖାଏ ବହି ଶତ ପ୍ରତିଶତ ପହଞ୍ଚିଛି। ତୃତୀୟର ୬ ଖଣ୍ଡ ବହିରୁ ୨ଖଣ୍ଡ, ଚତୁର୍ଥର ୬ଖଣ୍ଡରୁ ୩ଖଣ୍ଡ, ପଞ୍ଚମର ୬ ଖଣ୍ଡରୁ ୪ ଖଣ୍ଡ, ଷଷ୍ଠର ୧୦ ଖଣ୍ଡରୁ ୫ ଖଣ୍ଡ, ସପ୍ତମର ୧୦ ଖଣ୍ଡରୁ ୩ ଖଣ୍ଡ ଓ ଅଷ୍ଟମର ୧୦ ଖଣ୍ଡରୁ ୪ ଖଣ୍ଡ ବହି ପହଞ୍ଚିଛି। ପ୍ରଥମ ପର୍ଯ୍ୟାୟରେ ଗତ ମାସ ୧୭ ତାରିଖରେ ଆସିଥିବା ବହିଗୁଡ଼ିକ ସିଆରସିଙ୍କ ଜରିଆରେ ସ୍କୁଲୱାରୀ ବଣ୍ଟନ ସରିଥିବାବେଳେ ଗତ ୪ ତାରିଖରେ ଆସିଥିବା ଦ୍ୱିତୀୟ ପର୍ଯ୍ୟାୟ ବହିଗୁଡ଼ିକ ବିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ କ୍ଲଷ୍ଟର ୱାରୀ ବଣ୍ଟନ ଆରମ୍ଭ ହୋଇଛି। ମୋଟ ୫୨ ବିଷୟରୁ ୨୫ଟି ବିଷୟର ଅର୍ଥାତ୍ ୪୬ ପ୍ରତିଶତ ବହି ପହଞ୍ଚିଛି ବୋଲି ଏବିଇଓ ମମିତା ମହାନ୍ତି ସୂଚନା ଦେଇଛନ୍ତି। ବିଇଓ ଅଭୟ କୁମାର ବେହେରା ସୂଚନା ଦେଇ କହିଛନ୍ତି, ପହଞ୍ଚିଥିବା ପୁସ୍ତକଗୁଡ଼ିକୁ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଅବଶିଷ୍ଟ ପୁସ୍ତକ ପହଞ୍ଚିଲେ ତୁରନ୍ତ ବଣ୍ଟନ କରାଯିବ।

## ସଂକ୍ଷେପରେ

### ହୋଟେଲ ମାଲିକଙ୍କ ମହାନତା: ଲାପ୍‌ଟପ୍ ସହ ନଗଦ ଟଙ୍କା ପାଇ ଫେରାଇଲେ

ଆଳି,୯।୪(ବନମାଳୀ ସେନାପତି ) ଆଳି ସଦର ମହାକୁମାରେ ଥିବା ହୋଟେଲ ରଶ୍ମିର ମାଲିକ ରଶ୍ମି ରଞ୍ଜନ ଆଚାର୍ଯ୍ୟ (ବାପି) ତାଙ୍କ ହୋଟେଲକୁ ଖାଇବାକୁ ଆସିଥିବା ବ୍ୟକ୍ତି ଲାପ୍‌ଟପ୍ ବ୍ୟାଗ୍ ଛାଡ଼ି ପଳାଇଥିଲେ। ରଶ୍ମି ଲାପ୍‌ଟପ୍ ବ୍ୟାଗ୍‌କୁ ଛଶଡି ଦେଇଯାଇଥିବା ବ୍ୟକ୍ତିଙ୍କୁ ଫେରାଇ ନିଜର ମହାନତା ଦେଖାଇଛନ୍ତି। ଭୁବନେଶ୍ୱରର କାର ମାର୍ଟର ମାଲିକ ଆଳି ଥାନା ଅନ୍ତର୍ଗତ ମାଣିକପାଟଣା ଗ୍ରାମର ସଞ୍ଜୟ ପରିଡ଼ା ଭୁବନେଶ୍ୱରରୁ କୌଣସି ଏକ ଜରୁରୀ କାର୍ଯ୍ୟରେ ଆଳିକୁ ଆସି କାର୍ଯ୍ୟ ସାରି ହୋଟେଲ ରଶ୍ମିରେ ମଧାହ୍ନଭୋଜନ କରି ଫେରିଯାଇଥିଲେ। ଭୁବନେଶ୍ୱରରେ ପହଞ୍ଚି ସେ ବ୍ୟାଗ୍ ଖୋଜିବା ପରେ ପାଇ ନ ଥିଲେ। ବ୍ୟାଗ୍‌ରେ ଲାପ୍‌ଟପ୍ ସହ ନଗଦ ଟଙ୍କା, ବିଭିନ୍ନ ବ୍ୟାଙ୍କର ଚେକ୍ ବୁକ୍ ସହ ସଞ୍ଜୟଙ୍କ ପର୍ସ, ଏଟିଏମ୍ କାର୍ଡ, ଡେବିଟ୍ କାର୍ଡ ସହ ଜରୁରୀ କାଗଜପତ୍ର ଥିଲା। ରଶ୍ମି ହୋଟେଲରେ ଖାଇବା ପରେ ବ୍ୟାଗ୍ ଛାଡି ଦେଇଥିବା ଜାଣିବା ପରେ ଯୋଗାଯୋଗ କରି ହୋଟେଲ ମାଲିକ ବାପିଙ୍କ ସହ ଟେଲିଫୋନ୍‌ରେ କଥା ହେବା ପରେ ସେ ଏହାକୁ ସୁରକ୍ଷିତ ଭାବେ ରଖିଥିବା ନେଇ କହିଥିଲେ। ବୁଧବାର ସକାଳେ ହୋଟେଲ ମାଲିକ ବାପି ସଞ୍ଜୟଙ୍କ ବ୍ୟାଗ୍ ଫେରାଇ ଦେଇଥିଲେ। ବାପିଙ୍କ ଏହି ମହାନତା ପାଇଁ ସଞ୍ଜୟ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ବାସୁଦେବ ମେଲଣ ମହୋତ୍ସବରେ ମୁକ୍ତମଞ୍ଚ ନାଟକ

ପାଟକୁରା, ୯।୪(ରବୀନ୍ଦ୍ର ନାଥ ବାରିକ ) ଗରଦପୁର ବ୍ଲକ ଅନ୍ତର୍ଗତ କିଣିଲୋ ଗ୍ରାମରେ ବାସୁଦେବ ମେଲଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଚୈତ୍ର ପୂର୍ଣ୍ଣିମାରେ ଏହି ସ୍ୱତନ୍ତ୍ର ଭାଗବତ ମେଲଣକୁ ନେଇ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବାସୁଦେବ ଯୁବ ପରିଷଦ ଡ୍ରାମାଟିକ କ୍ଲବ୍ ଦ୍ୱାରା ଦୁଇ ରଜନୀ ଧରି ମୁକ୍ତମଞ୍ଚ ନାଟକ ପ୍ରଦର୍ଶିତ ହୋଇଥିଲା। ପ୍ରଥମ ରଜନୀରେ ଏ କେମିତିକା ସମ୍ପର୍କ ଓ ଦ୍ୱିତୀୟ ରଜନୀରେ 'ପୁଅ ଜନ୍ମକରି ପାପ କରିଚି' ନାଟକ ମଞ୍ଚସ୍ଥ ହୋଇଥିଲା। ଉଭୟ ନାଟକକୁ ଶ୍ରୀପତି ଲେଙ୍କା ନିର୍ଦ୍ଦେଶନା ଦେଇଥିବା ବେଳେ ଭରଦ୍ୱାଜ ଓଝା ସଙ୍ଗୀତର ଭାର ସମ୍ଭାଳି ଥିଲେ। ଏଥିରେ ଅମରେଶ ସେନାପତି, ପବିତ୍ର ରାଉତ, ପ୍ରତାପ ସ୍ୱାଇଁ, ଦେବେନ୍ଦ୍ର ରାଉତ, ହିମାଂଶୁ ବାରିକ, ରଶ୍ମିରଞ୍ଜନ ପରିଡା ପ୍ରମୁଖ ଅଭିନୟ କରିଥିଲେ। ଏହି ୨ଟି ନାଟକ ଦର୍ଶକମାନଙ୍କ ମନକୁ ଛୁଇଁଥିବା ସହ ସାମାଜିକ ସନ୍ଦେଶ ଦେଇଥିଲା। ଏହି କାର୍ଯ୍ୟକ୍ରମକୁ ଉପଦେଷ୍ଟା ନରେଶ ରାଉତ, ପ୍ରଶାନ୍ତ ରାଉତ, ଅଭୟ ସାହୁଙ୍କ ସମେତ ବାସୁଦେବ ମେଲଣ ମହୋତ୍ସବର ସଭାପତି ଦୀପକ କୁମାର ପରିଡା, ସମ୍ପାଦକ ଦୁଷ୍ମନ୍ତ କୁମାର ସେନାପତି ସଫଳ କରିବାରେ ବାସୁଦେବ ଯୁବ ପରିଷଦ ସହ କିଣିଲୋ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ଉଲ୍ଲେଖନୀୟ ରହିଛି।

### ଟ୍ରଷ୍ଟ ପାଇଁ ଜାଗା ଦେବାକୁ ତହସିଲଦାରଙ୍କୁ ଦାବିପତ୍ର

ଆଳି,୯।୪(ବନମାଳୀ ସେନାପତି) କେନ୍ଦ୍ରାପଡ଼ା ଜିଲ୍ଲା ଆଳି ମାଣିକପାଟଣାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ଏକ ଦାବିପତ୍ର ଆଳି ତହସିଲଦାରଙ୍କୁ ଗୁରୁବାର ପ୍ରଦାନ କରାଯାଇଛି। ଟ୍ରଷ୍ଟ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଏହି ଟ୍ରଷ୍ଟ ପକ୍ଷରୁ ସାମାଜିକ କାର୍ଯ୍ୟ କରାଯାଉଛି। ମାଣିକପାଟଣା ପଞ୍ଚାୟତରେ ଗଠିତ ଏହି ଅନୁଷ୍ଠାନର ଏକ ସ୍ଥାୟୀ କାର୍ଯ୍ୟାଳୟ ଓ ବୈଠକ ଗୃହ ନିର୍ମାଣ ନିମନ୍ତେ ଏକ ପ୍ଲଟ୍ ଚିହ୍ନଟକରି ଦେବାକୁ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଆବେଦନ କରିଥିଲେ। ୨ ଥର ସେମାନେ ଜିଲାପାଳଙ୍କୁ ଦାବିପତ୍ର ଦେଇଥିବା ବେଳେ ଆଳି ତହସିଲ ପକ୍ଷରୁ ଏ ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ଆଳି ତହସିଲ ପକ୍ଷରୁ ଜାଗା ଚିହ୍ନଟ କରାଯାଇ ସେମାନଙ୍କୁ ଯୋଗାଇ ଦିଆଗଲେ ସେଠାରେ ଟ୍ରଷ୍ଟର କାର୍ଯ୍ୟାଳୟ ଓ ବୈଠକ ଗୃହ ନିର୍ମାଣ ହୋଇପାରିବ ବୋଲି ଏକ ଦାବିପତ୍ର ଆଳି ତହସିଲଦାର ସୁମନ ଘୋଷଙ୍କୁ ପ୍ରଦାନ କରାଯାଇଛି। ଏ ନେଇ ତହସିଲଦାର ଘୋଷଙ୍କୁ ପଚାରିବାରୁ ଅଭିଯୋଗ ପତ୍ର ସମ୍ପର୍କରେ ସେ ଜିଲା ପ୍ରଶାସନର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରିବେ। ଜିଲା ପ୍ରଶାସନ ପକ୍ଷରୁ ଯାହା ନିର୍ଦ୍ଦେଶ ମିଳିବ ସେହି ଅନୁଯାୟୀ ସେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସଭାପତି ବିନୋଦ କୁମାର ତରାଇ,ସମ୍ପାଦକ ଶିବପ୍ରସାଦ ବେହେରା, ମ୍ୟାନେଜିଂ ଟ୍ରଷ୍ଟ ଦେବେନ୍ଦ୍ର ଦାଶ, କୋଷାଧକ୍ଷ ସଞ୍ଜୟ କୁମାର ଦାସ, ପ୍ରଶାନ୍ତ ବିଶ୍ୱାଳଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଅର୍ଥ ହଡ଼ପ: ଗ୍ରାମୀଣ ପୋଷ୍ଟମାଷ୍ଟରଙ୍କୁ ୫ବର୍ଷ ଜେଲ

**ରାଜକନିକା, ୯।୪ (ସଞ୍ଜୟ କୁମାର ଦାଶ )**

ଜମାକାରୀଙ୍କ ଅର୍ଥ ହଡ଼ପ ଅଭିଯୋଗରେ ଆଳିର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଜଣେ ଗ୍ରାମୀଣ ପୋଷ୍ଟମାଷ୍ଟରଙ୍କୁ ୪ଟି ଦଫାରେ ୫ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ରାଜକନିକା ଥାନା ବରୁଣା ଗ୍ରାମୀଣ ଶାଖା ଡାକଘରର ପୂର୍ବତନ ପୋଷ୍ଟମାଷ୍ଟର ଆସିକ୍ କୁମାର ମାହାଲି ଜମାକାରୀ ଝରଣା ସେନାପତିଙ୍କର ୨୬ ହଜାର ୨୬ଟଙ୍କା ଚଞ୍ଚକତା କରି ହଡ଼ପ କରିଥିଲେ। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା। ଡାକ ବିଭାଗ ନିକଟରେ ଝରଣା ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ୨୦୨୫ ଡିସେମ୍ବର ୯ ରେ ପଟ୍ଟାମୁଣ୍ଡାଇ ପୋଷ୍ଟାଲ୍ ସବ୍ ଡିଭିଜନ ଇନ୍ସପେକ୍ଟର ଅଙ୍କୁଶ ନସ୍କର ପୋଷ୍ଟମାଷ୍ଟର ମାହାଲିଙ୍କ ନାମରେ ରାଜକନିକା ଥାନାରେ ଏତଲା ଦେବା ପରେ ନଂ. ୬୦୭/୨୫ରେ ମାମଲା ରୁଜୁ ହୋଇଥିଲା। ଆଳି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ୭ ତାରିଖରେ ଏହି ମାମଲାର ବିଚାର କରି ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୬(୨)ରେ ଏକବର୍ଷ କାରାଦଣ୍ଡ ସହ ୨ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୨ମାସ କାରାଦଣ୍ଡ, ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୬ (୪)ରେ ୧ ବର୍ଷ ସାଧାରଣ କାରାଦଣ୍ଡ, ୨ହଜାର ଟଙ୍କା ଜରିମାନା, ଜରିମାନା ଅନାଦାୟ ଅଧିକ ୨ମାସ କାରାଦଣ୍ଡ, ଧାରା



ଆସିକ୍ କୁମାର ମାହାଲି

୩୧୬(୫)ରେ ୧୮ମାସ ସାଧାରଣ କାରାଦଣ୍ଡ ଓ ଜରିମାନା ୫ ହଜାର ଟଙ୍କା ଓ ଜରିମାନା ଅନାଦାୟ ଅଧିକ ୩ ମାସ କାରାଦଣ୍ଡ, ଧାରା ୩୧୮(୪)ରେ ୧୮ମାସ ସାଧାରଣ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟ ଅଧିକ ୩ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ଆଦେଶ ଦେଇଛନ୍ତି। ଏହି ମାମଲାରେ ୯ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଆଳି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ନ୍ୟାୟମୂର୍ତ୍ତି ଦେବାନ୍ ସତ୍ୟଦର୍ଶୀ ନନ୍ଦ ବରୁଣା ଉପଡାକଘରର ପୋଷ୍ଟ ମାଷ୍ଟର ମାହାଲି ଓରଫ୍ ଫାଗୁଙ୍କୁ ୪ଟି ଦଫାରେ ସମୁଦାୟ ୫ବର୍ଷ ଜେଲ ଦଣ୍ଡାଦେଶ ସହ ୧୪ ହଜାର ଟଙ୍କା ଅର୍ଥ ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଆସିଷ୍ଟାଣ୍ଟ ପବ୍ଲିକ୍ ପ୍ରସିକ୍ୟୁଟର୍ ପ୍ରଦୀପ୍ତ କୁମାର ରାୟ ଓ ପ୍ରମୋଦ ରାୟ ପରିଚାଳନା କରୁଥିଲେ।

## ଗହୀରମଥାରେ ୩୨ ଫୁଟ୍‌ର ମୃତ ତିମି



**ରାଜନଗର,୯।୪ (ଭାସ୍କର ରାଉତରାୟ)**

ବିଶ୍ୱ ପ୍ରସିଦ୍ଧ କଇଁଛ ଅନ୍ତୁଡ଼ିଶାଳ ଭାବେ ପରିଚିତ ଗହୀରମଥାରେ ୩୨ ଫୁଟ୍ ଲମ୍ବର ମୃତ ତିମି ଗୁରୁବାର ଲାଗିଛି। ମଲା ତିମି କୂଳରେ ଲାଗିବା ପରେ ସେଠାରେ କଇଁଛ ସୁରକ୍ଷା ପାଇଁ ନିୟୋଜିତ ବନ କର୍ମଚାରୀ ରାଜନଗର ଡିଏଫ୍‌ଓ ଭର୍ଦରାଜ ଗାଓଁକରଙ୍କୁ ସୂଚନା ଦେଇଥିଲେ। ଡିଏଫ୍‌ଓ ଗାଓଁକରଙ୍କ ନିର୍ଦ୍ଦେଶରେ ଅପରାହ୍ନ ୫ଟାରେ ରାଜନଗର ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରକାଶ କୁମାର ଜେନା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତିମିର ବ୍ୟବଚ୍ଛେଦକରି ଫେରିଛନ୍ତି।

# ମାରଣାସ୍ତ୍ର, ଟଙ୍କା ଜବତ: ୩ ଯୁବକ କୋର୍ଟ ଚାଲାଣ



ଗିରଫ ହୋଇଥିବା ୩ ଯୁବକ, ଜବତ ହୋଇଥିବା ମାରଣାସ୍ତ୍ର, ଟଙ୍କା।

**ମହାକାଳପଡ଼ା, ୯।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ତନ୍ତିଆପାଳ ସାମୁଦ୍ରିକ ଥାନା ଅଞ୍ଚଳରେ ଆତଙ୍କ ରାଜ ଚଳାଇଥିବା ୩ ଯୁବକଙ୍କୁ ପୋଲିସ ଗିରଫ କରି ସେମାନଙ୍କଠାରୁ ମାରଣାସ୍ତ୍ର, ଟଙ୍କା ଓ ବାଇକ୍ ଜବତ କରିବା ସହ ଗୁରୁବାର କୋର୍ଟ ଚାଲାଣ କରିଛି।

ପୋଲିସ ସୂଚନା ମୁତାବକ, ଥାନା ଅଞ୍ଚଳରେ କେତେଜଣ ଯୁବକ ୨ ଦିନ ତଳେ ବାବର-ଜମ୍ବୁ ମୁଖ୍ୟ ରାସ୍ତା ବନ୍ଧପଡା ଛକଠାରେ ଏକ ହାଇୱା ଚାଳକ ଓ ହେଲ୍‌ପରଙ୍କୁ ଅଟକାଇ ମାରଣାସ୍ତ୍ର ଦେଖାଇ ୪୦ ହଜାର ଟଙ୍କା, ୩ ମୋବାଇଲ ଲୁଟି ନେଇଥିଲେ। ଥାନାରେ ଗାଡ଼ିଚାଳକ ପକ୍ଷରୁ ଅଭିଯୋଗ କରାଯିବା ପରେ ପୋଲିସ ପକ୍ଷରୁ ବ୍ୟାପକ ଚଢାଉ କରାଯାଇଥିଲା। ବୁଧବାର ବିଳମ୍ବିତ ରାତିରେ ବଡ଼ପଲି ଖେଳ ପଡିଆରେ ୩ ଯୁବକଙ୍କ ଉପରେ ଅତର୍କିତ ଚଢ଼ାଉ କରି ପୋଲିସ ଟିମ୍ ଗିରଫ କରିଥିଲା। ଗୁରୁବାର ପୋଲିସ ୩ ଯୁବକଙ୍କୁ କେନ୍ଦ୍ରାପଡ଼ା ବିଚାରବିଭାଗୀୟ କୋର୍ଟକୁ ଚାଲାଣ କରିଥିବା ଥାନା ଅଧିକାରୀ ରତିରଞ୍ଜନ ନାୟକ କହିଛନ୍ତି। ଏ ନେଇ ପୋଲିସ ନଂ. ୫୪/୨୬ରେ ମାମଲା ରୁଜୁକରିବା ସହ ଅନ୍ୟ ଯୁବକମାନଙ୍କୁ ଗିରଫ କରିବାକୁ ଉଦ୍ୟମ ଆରମ୍ଭ କରିଛି। କୋର୍ଟ ଚାଲାଣ ହୋଇଥିବା ଯୁବକମାନେ ହେଲେ ରାଜନଗର ଥାନା ବଡ଼ପଲ୍ଲୀ ମୌଜାର ସଞ୍ଜୟ ପ୍ରଧାନ ଓରଫ ବିଲୁ, ଠାକୁରପାଟଣା ମୌଜାର ଅଙ୍କୁଶ ଜେନା, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ଅରଡ଼ପଲ୍ଲୀ ମୌଜାର ଝଣ୍ଟୁ ଜେନା। ଅନ୍ୟ ୨ ଯୁବକଙ୍କୁ ଗିରଫକରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ଚଢାଉ ଜାରି ରହିଛି ବୋଲି କୁହାଯାଉଛି। ଏମାନଙ୍କ ନାମରେ ପୂର୍ବରୁ ବହୁ ଆପରାଧିକ କାର୍ଯ୍ୟକଳାପ ଅଭିଯୋଗ ରହିଛି ବୋଲି କୁହାଯାଇଛି। ଏମାନଙ୍କଠାରୁ ୨୦ ହଜାର ଟଙ୍କା, ବିଭିନ୍ନ ମାରଣାସ୍ତ୍ର, ୨ବାଇକ୍ ପୋଲିସ୍ ଟିମ୍ ଜବତ କରିଛି। ଏ ସଂକ୍ରାନ୍ତରେ ତନ୍ତିଆ ପାଳ ସାମୁଦ୍ରିକ ଥାନା ଅଧିକାରୀ ରତି ରଞ୍ଜନ ନାୟକ ମତାମତ ନେବାରେ ପୋଲିସ ଟିମ ପକ୍ଷରୁ ପାଟ୍ରୋଲିଂକୁ ଯୋରଦାର କରାଯାଇଛି ବୋଲି ସେ କହିଛନ୍ତି।

## ପରିବେଶ ସୁରକ୍ଷା ପାଇଁ ଅଶ୍ରୁଖୋଳା ଉନ୍ନୟନ ପରିଷଦ ସମ୍ବର୍ଦ୍ଧିତ

**ପାଟକୁରା, ୯ ।୪(ରବୀନ୍ଦ୍ର ନାଥ ବାରିକ )**

ଭାରତ ସରକାରଙ୍କ ପରିବେଶ ଓ ଉର୍ଜା ବିକାଶ ସମ୍ପର୍କୀୟ ପରାମର୍ଶଦାତା ବିଶେଷଜ୍ଞ ସମିତିର ସିଡ୍ ଇଣ୍ଡିଆ ପୂର୍ବାଞ୍ଚଳ ଜୋନ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ଅଶ୍ରୁଖୋଳା ଉନ୍ନୟନ ପରିଷଦକୁ ସ୍ୱୀକୃତି ପ୍ରଦାନ କରିବା ସହିତ ବୁଧବାର ଆୟୋଜିତ ରାଞ୍ଚି ଅଧିବେଶନରେ ପରିଷଦକୁ ସମ୍ବର୍ଦ୍ଧିତ କରାଯାଇଛି। ଏ ସମ୍ପର୍କରେ ମାନପତ୍ର ପରିଷଦର ପ୍ରତିନିଧି ଅଶୋକ କୁମାର ରାଉତ, ଭାରତର ଜଳ ମାନବ ଭାବେ ପରିଚିତ ଡ. ରାଜେନ୍ଦ୍ର ସିଂହଠାରୁ ଗ୍ରହଣ କରିଥିଲେ। ପ୍ରକାଶ ଥାଉକି: ସିଡି ଇଣ୍ଡିଆ ଦ୍ୱାରା ଗତ ମାର୍ଚ୍ଚ ୨୮ରେ ଆୟୋଜିତ ପୂର୍ବ ଭାରତୀୟ କର୍ମଶାଳା, ଭୁବନେଶ୍ୱରସ୍ଥ ମେ'ଫେୟାର ହୋଟେଲରେ ଅଶ୍ରୁଖୋଳା ବିକାଶ ପରିଷଦର ସଭାପତି ଡ. ଅମରେନ୍ଦ୍ରନାଥ ମହାନ୍ତି ଯୋଗଦେଇ ଓଡ଼ିଶାର ଦୀର୍ଘତମ ଯୋର ଅଶ୍ରୁଖୋଳାର ପୁନରୁଦ୍ଧାର ଓ ବିକାଶ ବିଷୟରେ ବିସ୍ତୃତ ବିବରଣୀ ସୂଚନା ଦେବାପରେ ଏଭଳି ମହନୀୟ ସାମାଜିକ କାର୍ଯ୍ୟପାଇଁ ଏକ ପ୍ରଦର୍ଶନୀରେ ଫଟୋ ସମ୍ବଳିତ ଲିଖିତ ବିବରଣୀ ଉପସ୍ଥାପନ କରିବାକୁ ଆମନ୍ତ୍ରଣ କରିଥିଲେ।

## ପାରା କ୍ରୀଡ଼ାବିତ୍‌ଙ୍କ ସମସ୍ୟା ସମାଧାନ ଦାବି



ଜିଲା କ୍ରୀଡା ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

**କେନ୍ଦ୍ରାପଡ଼ା, ୯।୪ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାର ପାରା କ୍ରୀଡ଼ାବିତମାନେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସୁନାମ ଆଣୁଛନ୍ତି। ତେବେ ଏହି କ୍ରୀଡ଼ାବିତ ବିଭିନ୍ନ ସମସ୍ୟାରେ ଅଛନ୍ତି। ଏହାର ସମାଧାନ ଦାବି କରି ଭିନ୍ନକ୍ଷମଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ଜିଲା କ୍ରୀଡା ଅଧିକାରୀଙ୍କୁ ଏକ ଦାବିପତ୍ର ଗୁରୁବାର ଦିଆଯାଇଛି। ଏ ସମ୍ପର୍କରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ. ବିରଜା ରାଉତରାୟ କହିଛନ୍ତି, ଜିଲାର ରଞ୍ଜିତ କୁମାର ଚାନ୍ଦ, ମୋନାଲି ସ୍ୱାଇଁ, ବଳରାମ ସ୍ୱାଇଁ, ପ୍ରଶାନ୍ତ ନାୟକ, ଉଦୟ ଜେନା, ସୁଧୀର ମଲ୍ଲିକ ପ୍ରମୁଖ ପାରା କ୍ରୀଡାବିତ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନକରି ସୁନାମ ଆଣିଛନ୍ତି। ମାତ୍ର ଆର୍ଥିକ ସ୍ୱଚ୍ଛଳତା ନ ଥିବାରୁ ଦୈନିକ ଅଭ୍ୟାସରେ ବ୍ୟାଘାତ ସୃଷ୍ଟି ହେଉଛି। ଏମାନଙ୍କୁ ଅଭ୍ୟାସ ପାଇଁ ଭିତ୍ତିଭୂମି ସହ ନିକଟରେ ରହିବାକୁ ଆବାସ ଦେବାକୁ ଦାବିପତ୍ର ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ପୁନର୍ବାସର କର୍ମକର୍ତ୍ତା ବଂଶୀଧର ମହାନ୍ତି, ଶେଷଦେବ ପ୍ରସାଦ ଦାସ, ଜିଲା ପାରା କ୍ରୀଡା ସଂଘ ସମ୍ପାଦକ ସାଗର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ରାଜପଥରେ ବାଲି ବଦଳରେ ମାଟିରେ କାମ

**କେନ୍ଦ୍ରାପଡା, ୯।୪ (ଜଗନ୍ନାଥ ଧଳ)**



ପାରାଦୀପ-ଚଣ୍ଡିଖୋଲ ୫୩ ନଂ. ଜାତୀୟ ରାଜପଥ ନିର୍ମାଣ ଅନିୟମିତତା ବଳବତ୍ତର ରହିଛି। ମାର୍ଚ୍ଚ ୧୭ରେ ସହର ନିକଟ ଶାମଗୁଡିଆଠାରେ ଏହି ରାଜପଥର ପ୍ରାୟ ୧୩୦ ମିଟର କଂକ୍ରିଟ ଢଳେଇ ଭାଙ୍ଗି ଯାଇଥିଲା। ଏହି କାମ ନିମ୍ନମାନର ହୋଇଥିବା ଅଭିଯୋଗ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ ଦିଆଯାଇଥିଲା। ଏବେ ଏହି ରାଜପଥର ମାତ୍ର ୧ କିଲୋମିଟର ଦୂର ଦୁହୁରିଆ ଛକଠାରେ ପୁନର୍ବାର ନିମ୍ନମାନର କାର୍ଯ୍ୟ ବୁଧବାର ଦେଖିବାକୁ ମିଳିଛି। ଛକଠାରେ ଥିବା ଫୁଟ୍‌ପାଥ କାର୍ଯ୍ୟରେ ବାଲି ବଦଳରେ ମାଟି ଦ୍ୱାରା ଗାତ ପୋତା ଯାଇ ଉପରେ କଂକ୍ରିଟ ଢଳେଇ ହେଉଛି। ଏହି ଅନିୟମିତତାକୁ ନେଇ ଜିଲାର ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ଆପତ୍ତି ଉଠାଯିବା ସହ ନିର୍ମାଣ କାର୍ଯ୍ୟର ତଦନ୍ତ ପାଇଁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଏ ସମ୍ପର୍କରେ ଟ୍ରଷ୍ଟର ସଭାପତି ଇଂ. ସ୍ମୃତିରଞ୍ଜନ ଜେନା କହିଛନ୍ତି, ଏହି ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଗତ ୨୦୨୪ରେ ଆରମ୍ଭ ହୋଇଥିବା ବେଳେ ଚଳିତ ମାସ ଶେଷ ସୁଦ୍ଧା ସମାପ୍ତ ପାଇଁ ଠିକା ସଂସ୍ଥା ଚୁକ୍ତି କରିଛନ୍ତି। ଏଥିପାଇଁ ଠିକାସଂସ୍ଥା ତରବରରେ କାର୍ଯ୍ୟ ସାରିବା ପାଇଁ ନିମ୍ନମାନର କାର୍ଯ୍ୟ କରୁଛନ୍ତି। ଗତ କିଛିଦିନ ପୂର୍ବେ ୧୦୦ ମିଟରରୁ ଉର୍ଦ୍ଧ୍ୱ ଢଳେଇ କାର୍ଯ୍ୟ ଭାଙ୍ଗି ଯାଇଥିବା ବେଳେ ଏବେ ମାଟି ଉପରେ କଂକ୍ରିଟ ଢଳା ଯାଉଛି। ଜାତୀୟ ରାଜପଥର ସ୍ଥାୟିତ୍ୱ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ରଘୁରାମ ଆର. ଆୟର ତଦନ୍ତ କରାଯିବ ବୋଲି ମତ ରଖିଛନ୍ତି।

## ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର

ରାଜନଗର, ୯।୪ (ଭାସ୍କର ରାଉତରାୟ) ରାଜନଗରସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗୁରୁବାର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ଅମିୟ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। କଲେଜର ଅଧିବେଶନ କକ୍ଷରେ ୪୨ ଛାତ୍ରୀଛାତ୍ର ଓ କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। କଟକର ବ୍ଲଡ୍ ବ୍ୟାଙ୍କରୁ ଆସିଥିବା ଡାକ୍ତର ଓ କର୍ମଚାରୀମାନଙ୍କ ଦ୍ୱାରା ରକ୍ତଦାତାମାନଙ୍କଠାରୁ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ୍‌ର କାଉନସିଲର ଅଧାପିକା ରାଜଶ୍ରୀ ସାମନ୍ତ ଓ ଜାତୀୟ ସେବା ଯୋଜନାର ଯୁକ୍ତ ୩ ବିଭାଗର ପ୍ରୋଗ୍ରାମ ଅଫିସର ଡ. ଆଲୋକ ବେହେରା ପରିଚାଳନା କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଯଦୁମଣିଙ୍କ ପ୍ରତିମୂର୍ତ୍ତି ପୁନଃ ସ୍ଥାପନ ଦାବି



**କେନ୍ଦ୍ରାପଡ଼ା, ୯।୪ (ଜଗନ୍ନାଥ ଧଳ)**

ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ଉପବାଚସ୍ପତି ଯଦୁମଣି ମଙ୍ଗରାଜଙ୍କ ପ୍ରତିମୂର୍ତ୍ତି କେନ୍ଦ୍ରାପଡ଼ା ସହରର ତିନିମୁହାଣୀଠାରେ ଥିଲା। ରାସ୍ତା ପ୍ରଶସ୍ତୀକରଣ ପାଇଁ ଏହି ପ୍ରତିମୂର୍ତ୍ତି ହଟାଇ ଦିଆଯାଇଛି। ଏହି ପ୍ରତିମୂର୍ତ୍ତିର ପୁନଃ ସ୍ଥାପନ ପାଇଁ କେନ୍ଦ୍ରାପଡ଼ା ଜିଲାର କ୍ଷେତ୍ରୀୟ ଖଣ୍ଡାୟତ ସଂଘ ପକ୍ଷରୁ ଦାବି ହୋଇଛି। ଏହି ଦାବିପତ୍ର ଜିଲାପାଳଙ୍କୁ ଗୁରୁବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ସଂଘ ସଭାପତି ଶରତ କୁମାର ବେହୁରା କହିଛନ୍ତି, ବରପୁତ୍ରଙ୍କୁ ସମ୍ମାନ ଜଣାଇବା ଓଡ଼ିଆ ସଂସ୍କୃତି ଅଛି। ଏହି କ୍ରମରେ କେନ୍ଦ୍ରାପଡ଼ାର ସ୍ୱାଧୀନତା ସଂଗ୍ରାମୀ, ଜନନାୟକ ତଥା ପୂର୍ବତନ ଉପବାଚସ୍ପତି ସ୍ୱର୍ଗତ ମଙ୍ଗରାଜଙ୍କ ପ୍ରତିମୂର୍ତ୍ତି ସହରର ମୁଖ୍ୟ ପ୍ରବେଶପଥଠାରେ ସ୍ଥାପିତ ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ୧୯୮୯ରେ ଏହାକୁ ଅନାବରଣ କରିଥିଲେ। ସେବେଠାରୁ ମଙ୍ଗରାଜଙ୍କ ଜନ୍ମଦିନ ଓ ଶ୍ରାଦ୍ଧଦିବସରେ ସହରର ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ଜନସାଧାରଣ ସମ୍ମାନ ଜଣାଇ ଆସୁଛନ୍ତି। ଗତ ୪ ତାରିଖରେ ଏହି ପ୍ରତିମୂର୍ତ୍ତିକୁ ରାସ୍ତା ପ୍ରଶସ୍ତୀକରଣ ପାଇଁ ହଟାଇ ଦିଆଯାଇଛି। ଅଦ୍ୟାବଧି ଏହାର ପୁନଃ ସ୍ଥାପନା କରାଯାଇନାହିଁ। ସଂଘ ପକ୍ଷରୁ ଏହାକୁ ପୁନଃ ସ୍ଥାପନ କରିବାକୁ ଦାବି ହୋଇଥିବା ସଭାପତି ବେହୁରା ସୂଚନା ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର କର୍ମକର୍ତ୍ତା ଡ. ଚୈତନ୍ୟ କୁମାର ପରିଡା, ଗୋଲେଖ ଚନ୍ଦ୍ର ପଡ଼ିଆରୀ, ସୁଶୀଲ କୁମାର ସାଲ, ତରୁଣ ରଞ୍ଜନ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## ମାର୍ଶାଘାଇ କଲେଜରେ ପଦାର୍ଥ ବିଜ୍ଞାନ ବିଭାଗ ସମ୍ମାନ

**ମାର୍ଶାଘାଇ,୯।୪ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )**

ମାର୍ଶାଘାଇ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ 'ପଦାର୍ଥରୁ ଯନ୍ତ୍ର: ଅର୍ଦ୍ଧ ପରିବାହୀ ପ୍ରଯୁକ୍ତି ବିଦ୍ୟାର ପ୍ରଗତି' ଶୀର୍ଷକରେ ଏକ ସମ୍ମାନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରାଧ୍ୟାପକ ବିପିନ ବିହାରୀ ନାଥଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମାନ ହୋଇଥିଲା। ଏଥିରେ ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ପଦାର୍ଥ ବିଜ୍ଞାନ ଓ ମହାକାଶ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଜ୍ୟୋତି ପ୍ରକାଶ କର ଯୋଗଦେଇ ଅର୍ଦ୍ଧ ପରିବାହୀ ଦ୍ୱାରା ନିର୍ମିତ ଲେଜର, ସିଲିକନ କ୍ରିଷ୍ଟାଲ, ଇଣ୍ଟିଗ୍ରେଟେଡ ଚିପ୍ସ, ସିଲିକନ ଚିପ୍ସ, ନାନୋ ଓ୍ୟାର, ପତଳା ପରଦା ଆସ୍ତରଣ ଆଦି ସମ୍ପର୍କରେ ବୈଜ୍ଞାନିକ ବିଶ୍ଳେଷଣ ପୂର୍ବକ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକମାନଙ୍କୁ ମାର୍ଗଦର୍ଶନ କରିଥିଲେ। ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ପ୍ରଭାତ ରଞ୍ଜନ ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ପ୍ରାଧ୍ୟାପକ ବିଜୟ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ। ବିଭାଗ ପକ୍ଷରୁ ପ୍ରଫେସର କରଙ୍କୁ ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ଦେଇ ଅଧକ୍ଷ ନାଥ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପିକା ଅଲିଭା ପାଣିଗ୍ରାହୀ, ପ୍ରୟୋଗଶାଳା କର୍ମଚାରୀ ସ୍ନିଗ୍ଧା ମହାପାତ୍ର ସହଯୋଗ କରିଥିଲେ। ବେଳେ ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ଦାଶ, ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ, ଅଧ୍ୟାପିକା ଡ. ଲୁସ୍ମିତା ଜେନା, ଜନନୀ ମଣି ପାତ୍ର ପ୍ରମୁଖ ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ମହିଳାଙ୍କୁ ସୁରକ୍ଷା ଦେବାକୁ ଇଣ୍ଟରନାଲ କମିଟି ଗଠନକୁ ଗୁରୁତ୍ୱ

### ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ସଚେତନତା ଶିବିର

**ପଟ୍ଟାମୁଣ୍ଡାଇ, ୯।୪ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଇନ ସଚେତନତା ଶିବିର କୋର୍ଟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମିତିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲାଜଜ୍ ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ଅତିରିକ୍ତ ସିଭିଲ ବିଚାରପତି ଜେଏମ୍‌ଏଫ୍‌ସି ଡି.କେ. ବାଲ୍‌କ୍ରିଷ୍ଣନ ଯୋଗଦେଇ ମହିଳାମାନଙ୍କ ପ୍ରତି କାର୍ଯ୍ୟ କ୍ଷେତ୍ରରେ ହେଉଥିବା ବିଭିନ୍ନ ପ୍ରକାରର ଯୌନ ଆକ୍ରୋଶ ବିଷୟରେ ଆଲୋଚନା କରିବା ସହ ସେଥିପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କର ଏହି ସଂକ୍ରାନ୍ତୀୟ ବିଭିନ୍ନ ମକଦ୍ଦମାର ସ୍ଥିରୀକୃତ ହୋଇଥିବା ସିଦ୍ଧାନ୍ତ ଉପରେ ଆଲୋକପାତ କରିଥିଲେ। ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟରେ ଇଣ୍ଟରନାଲ କମ୍ପ୍ଲେନ୍ କମିଟି ଗଠିତ ହୋଇସାରିଛି। ପ୍ରତ୍ୟେକ ସରକାରୀ ଓ ବେସରକାରୀ ସଂସ୍ଥା, ବିଦ୍ୟାଳୟ, ମହାବିଦ୍ୟାଳୟ, ବିଇଓ, ତହସିଲ, ବ୍ଲକ କାର୍ଯ୍ୟାଳୟ, ବ୍ୟାଙ୍କ ସବୁଠାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଇଣ୍ଟରନାଲ କମ୍ପ୍ଲେନ କମିଟି ଗଠନ କରାଯାଇ ମହିଳାମାନଙ୍କୁ ସୁରକ୍ଷା ଦେବା ଉପରେ ଆଲୋକପାତ କରାଯାଇଥିଲା। ଯେଉଁ ସଂସ୍ଥା କମିଟି ଗଠନ ନ କରିବେ ପ୍ରଥମେ ୫୦ ହଜାର ପରେ ୧ ଲକ୍ଷ ଅର୍ଥ ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ ବୋଲି ଆଲୋଚନା ହୋଇଥିଲା। ଶିବିରରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର କର୍ମକର୍ତ୍ତା ମୁରଲୀଧର ସିଂହ, ବିକ୍ରମ ସାମଲ, ବକୁଳ ଚନ୍ଦ୍ର ନାୟକ, ପ୍ରିୟମ୍ବଦା ବେହେରା, ଲିଗାଲ ଏଡ୍‌ର ସମସ୍ତ କର୍ମକର୍ତ୍ତା, ଲିଗାଲ ଏଡ୍‌ର ସମସ୍ତ ପିଏଲ୍‌ଭି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଶେଷରେ ପଟ୍ଟାମୁଣ୍ଡାଇ ଜେଏମ୍‌ଏଫ୍‌ସି କୋର୍ଟ ସରକାରୀ ଆଇନଜୀବୀ ଧୀରେନ୍ଦ୍ରନାଥ ସାହୁ ଧନ୍ୟବାଦ ଦେଇଥିଲେ।




ସଚେତନତା ଶିବିରରେ ଉପସ୍ଥିତ ଅତିଥି।

# ଗୋଟିଏ କକ୍ଷରେ ୬ ଶ୍ରେଣୀର ପାଠପଢ଼ା

ଦିଗପହଣ୍ଡି,୯।୪(ଅଶେଷ ନାଥ ମିଶ୍ର):

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତରେ ଶିକ୍ଷା ବିଭାଗର ବିକଳ ଚିତ୍ର ଦେଖିବାକୁ ମିଳିଛି। ପଞ୍ଚାୟତ ଅଧିନ ଶ୍ୟାମସୁନ୍ଦରପଲ୍ଲୀ ଗ୍ରାମରେ ୧୯୫୮ରୁ ସ୍ଥାପିତ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ମାତ୍ର କକ୍ଷରେ ୬ ଶ୍ରେଣୀର ପାଠପଢ଼ା ହେଉଥିବାରୁ ଛାତ୍ରୀଛାତ୍ରଙ୍କ ବହୁ ଅସୁବିଧା ହେଉଛି। ଏହା ପ୍ରତିବାଦରେ ପିଲାମାନେ ଗୁରୁବାର ବିଦ୍ୟାଳୟ ଫାଟକରେ ତାଲାପକାଇ ଆନ୍ଦୋଳନ କରିଛନ୍ତି। ତେବେ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ହଟିଛି।

ଶ୍ୟାମସୁନ୍ଦରପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାରୁ ଆରମ୍ଭ କରି ୫ମ ଶ୍ରେଣୀ ପର୍ଯ୍ୟନ୍ତ ଆଖପାଖ ପ୍ରତାପପୁର,ଭୀମପୁର ପଲ୍ଲୀଗ୍ରାମ ସମେତ ଶ୍ୟାମ ସୁନ୍ଦରପଲ୍ଲୀ ଗ୍ରାମର ଉପର ସାହି, ମଝି ସାହି ଓ ତଳସାହିର ୬୨ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବିଦ୍ୟାଳୟର ଗୋଟିଏ ମାତ୍ର ଶ୍ରେଣୀ ଗୃହରେ ସବୁପିଲା ପାଠ ପଢୁଥିବା


ସ୍କୁଲ ଫାଟକ ସମ୍ମୁଖରେ ଆନ୍ଦୋଳନରତ ଛାତ୍ରୀଛାତ୍ର ଓ ଅଭିଭାବକ।

ବେଳେ ସେହି ଗୃହରେ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ ଓ ମଧ୍ୟାହ୍ନ ଭୋଜନ ଚାଉଳ ମଧ୍ୟ ରହୁଛି। ସେହି କକ୍ଷରେ ୬ଟି ଶ୍ରେଣୀର ପିଲାଙ୍କୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମର ମଲ୍ଲିକ ଏବଂ ସହକାରୀ ଶିକ୍ଷକ ସୁରେଶ ମଲ୍ଲିକ ପାଠ ପଢାଉଛନ୍ତି। ଦୀର୍ଘବର୍ଷ ହେଲା ଅଭିଭାବକମାନେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ଦାବି କରି ଆସୁଥିଲେ ମଧ ଶିକ୍ଷା ବିଭାଗ କିମ୍ୱା ବ୍ଲକ ପ୍ରଶାସନ ସେଥିପ୍ରତି କର୍ଣ୍ଣପାତ କରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସ୍କୁଲ ପରିଚାଳନା କମିଟି ସଭାପତି ରଜନୀକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଗୁରୁବାର ସକାଳୁ ଛାତ୍ରୀଛାତ୍ର ଓ ବହୁ ସଂଖ୍ୟକ ଗ୍ରାମବାସୀ, ଅଭିଭାବକ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଛାତ୍ରୀଛାତ୍ରମାନେ ଆମକୁ ପୋଷାକ, ଅଣ୍ଡା, ମଧ୍ୟାହ୍ନଭୋଜନ ନ ଦିଆଯାଉ ପଛେ ଆବଶ୍ୟକ ଶ୍ରେଣୀଗୃହ

## ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ

ଯୋଗାଇ ଦିଆଯାଉ ବୋଲି କହି ସ୍କୁଲ ସମ୍ମୁଖରେ ଖରାରେ ଦୀର୍ଘ ସମୟ ବସି ରହି ଆନ୍ଦୋଳନ ଚଳାଇଥିଲେ। ଖବରପାଇ ଅତିରିକ୍ତ ବିଡ଼ିଓ ଉମେଶ କୁମାର ସେଠୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀଅଶୋକ କୁମାର ଶତପଥି, ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ ମହାପାତ୍ର, ସହ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ, ବିଶ୍ୱବା ପାଇକ ପ୍ରମୁଖ ସ୍କୁଲରେ ପହଞ୍ଚି ଆନ୍ଦୋଳନକାରୀମାନଙ୍କ ସହ ଆଲୋଚନା କରି ଆନ୍ଦୋଳନ ପ୍ରତ୍ୟାହୃତ କରିବା ପାଇଁ ଅନୁରୋଧ କରିଥିଲେ। ଆନ୍ଦୋଳନକାରୀମାନେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ଲିଖିତ ଭାବେ ନ ଜଣାଇବା ପର୍ଯ୍ୟନ୍ତ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଜିଦ ଧରିଥିଲେ। ପରେ ଅଧିକାରୀ ବୃନ୍ଦ ଆସନ୍ତା ୭ ଦିନ ମଧ୍ୟରେ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଟେଣ୍ଡର କରାଯିବ। ଟେଣ୍ଡର ସରିବା ପରେ ୨/୩ ମାସ ମଧ୍ୟରେ ଶ୍ରେଣୀଗୃହ ନିର୍ମାଣ ସରିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ସ୍ଥଗିତ ରହିଛି। ଏ ନେଇ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମଲ୍ଲିକଙ୍କୁ ପଚାରିବାରୁ ସ୍କୁଲରେ ଅତିରିକ୍ତ ଶ୍ରେଣୀଗୃହ ନ ଥିବାରୁ ଶିକ୍ଷାଦାନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ଅସୁବିଧା ହେଉଛି ବୋଲି କହିଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଟଏଲେଟକୁ ସମସ୍ତେ ବ୍ୟବହାର କରୁଛନ୍ତି। ଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଟଏଲେଟ ନାହିଁ। ମଧ୍ୟାହ୍ନ ଭୋଜନ ରୋଷେଇ ଗୃହ ଭଗ୍ନ ଅବସ୍ଥାରେ ପଡ଼ିରହିଛି। ସ୍କୁଲ ପାଚେରି ଭାଙ୍ଗିଯାଇଛି। ଡ୍ରେନେଜ ବ୍ୟବସ୍ଥା ନଥିବାରୁ ବର୍ଷା ହେଲେ ଶ୍ରେଣୀ ଗୃହରେ ପାଣି ପଶିଯାଉଥିବା ସେ କହିଥିଲେ। ଅତିରିକ୍ତ ବିଡ଼ିଓଙ୍କୁ ଯୋଗାଯୋଗ କରିବାରୁ ଅତିରିକ୍ତ ଶ୍ରେଣୀଗୃହ ପାଇଁ ୧୮ ଲକ୍ଷ ୩୩ ହଜାର ଟଙ୍କା ମଞ୍ଜୁର ହୋଇଛି। ଖୁବଶୀଘ୍ର ଟେଣ୍ଡର କରାଯାଇ ନିର୍ମାଣ କାମ ଆରମ୍ଭ କରାଯିବ ବୋଲି କହିଛନ୍ତି।

# ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା


ତିରୁପତିଠାରେ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖଣ୍ଡପଡ଼ା,୯।୪(ଅଜୟ କୁମାର ମହାରଣା)

ସାକ୍ଷୀଗୋପାଳସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟଙ୍କୁ ନିଯୁକ୍ତି ମିଳିଛି। ଖଣ୍ଡପଡ଼ା ବ୍ଲକ ଅଧୀନ ଗଡିଆସାହି ପଞ୍ଚାୟତ ନଟବରପୁର ଶାସନ ଗ୍ରାମରେ ଜନ୍ମଗ୍ରହଣ କରିଥିବା ପ୍ରଫେସର ଆଚାର୍ଯ୍ୟଙ୍କର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧୀନ ପୁରୀ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଏବଂ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ସାହିତ୍ୟ ବିଭାଗରେ ପ୍ରଫେସର ଭାବରେ ଦୀର୍ଘ ବର୍ଷର ଅଧାପନ ଏବଂ ପ୍ରଶାସନିକ ଅନୁଭୂତି ରହିଛି। ଏହି ଅବସରରେ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଉତ୍କଳ ପୀଠରେ ପ୍ରଫେସର ଆଚାର୍ଯ୍ୟଙ୍କୁ ବୁଧବାର ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉତ୍କଳପୀଠ ନିର୍ଦ୍ଦେଶକ ତଥା ସାହିତ୍ୟ ବିଭାଗର ପ୍ରଫେସର ଭାରତ ଭୂଷଣ ରଥ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ପ୍ରଫେସର ଆଚାର୍ଯ୍ୟଙ୍କର କାର୍ଯ୍ୟକାଳର ମହନୀୟତାକୁ ପ୍ରତିପାଦନ କରିଥିଲେ। ବିଶ୍ୱବିଦ୍ୟାଳୟର ବିଦ୍ୟାଧିକାରୀ ପ୍ରଫେସର ରାଧା ଗୋବିନ୍ଦ ତ୍ରିପାଠୀ ଏବଂ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ରମାକାନ୍ତ ମିଶ୍ର, ପ୍ରଫେସର ଆଚାର୍ଯ୍ୟଙ୍କର ବିବିଧ ଶୈକ୍ଷିକ କାର୍ଯ୍ୟକ୍ରମର ପ୍ରଶଂସା ପୂର୍ବକ ବିଦାୟ ଅଭିଭାଷଣ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ଅନେକ ବିଭାଗ, ଅଧିକାରୀ ଏବଂ ଛାତ୍ରୀଛାତ୍ରଙ୍କ ପକ୍ଷରୁ ପ୍ରଫେସର ଆଚାର୍ଯ୍ୟଙ୍କୁ ସମ୍ମାନ କରାଯାଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଆଚାର୍ଯ୍ୟ ଆୟୋଜିତ କାର୍ଯ୍ୟକ୍ରମରେ ଭାବବିହ୍ୱଳ ହୋଇ, ସେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ତତ୍ପରତାର ସହିତ କାର୍ଯ୍ୟ କରିବେ ବୋଲି ତାଙ୍କ ଭାଷଣରେ ପ୍ରକାଶ କରିଛନ୍ତି ।

# ଗୋକୁଳାନନ୍ଦ ସ୍ପୋର୍ଟସ ଅଣ୍ଡର ୧୯ କ୍ରିକେଟ ଟୁର୍ନାମେଣ୍ଟ, ଘଣାଶାଳିଆ ବିଜୟୀ

ଖଣ୍ଡପଡା,୯।୪ (ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ସିଧାମୂଳା ଗୋକୁଳାନନ୍ଦ ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ସ୍କୁଲ ପଡିଆରେ ଅନୁଷ୍ଠିତ ଅଣ୍ଡର ୧୯ କ୍ରିକେଟ ଟୁର୍ନାମେଣ୍ଟର ୩ୟ ଦିବସ ଗୁରୁବାରରେ ଘଣାଶାଳିଆ କ୍ରିକେଟ ଟିମ ୫୦ରନରେ କାନପୁର କ୍ରିକେଟ କ୍ଲବକୁ ହରାଇ ବିଜୟୀ ହୋଇଛି । ଆଜିର ୩ୟ ଲିଗ୍ ମ୍ୟାଚରେ ଘଣାଶାଳିଆ ଟିମ୍ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ୧୦ ଓଭରରେ ୮ ଉଇକେଟ ବିନିମୟରେ ୧୩୨ ରନ ସଂଗ୍ରହ କରିଥିଲା । ଜବାବରେ କାନପୁର ଦଳ ୬.୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୮୨ ରନ କରିବାରେ ସକ୍ଷମ ହୋଇଥିଲା । ବିଜୟୀ ଦଳର ଅନିଲ ୨୧ ବଲରେ ୪୬ ରନ ସଂଗ୍ରହ କରି ମ୍ୟାନ ଅଫଦି ମ୍ୟାଚ ବିବେଚିତ ହୋଇଛନ୍ତି। ରାକେଶ ରାଉତ ଓ ଶୁଭମ ଖଟୁଆ ଖେଳ ପରିଚାଳନା କରିଥିଲେ। ନିରଞ୍ଜନ ରାଉତ ସ୍କୋରବୋର୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶୁକ୍ରବାର ପ୍ରଥମ ସେମି ଫାଇନାଲରେ ବରହମ୍ପୁରା କ୍ରିକେଟ କ୍ଲବ ସହ ଢୋଲମରା କ୍ରିକେଟ କ୍ଲବର ମୁକାବିଲା ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡିଛି ।

# ୧୧ ଦଣ୍ଡକାମନାଙ୍କ ମହାମିଳନ ଉତ୍ସବ

ଖଣ୍ଡପଡା,୯।୪(ଅଜୟ କୁମାର ମହାରଣା)

ଖଣ୍ଡପଡା ସହରର ଆରାଧ୍ୟ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ଅବସ୍ଥିତ ଦଣ୍ଡକାମନାଙ୍କ ଆମନ୍ତ୍ରଣକ୍ରମେ ୪ର୍ଥ ବାର୍ଷିକ ୧୧ ଦଣ୍ଡକାମନାଙ୍କ ମହାମିଳନ ସ୍ଥାନୀୟ ମଧୁବନ ମିନିଷ୍ଟାଡିୟମ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡା ସହରାଞ୍ଚଳରେ ଅବସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ଦେବ ଦଣ୍ଡକାମନା ପୀଠର ମାନସିକଧାରୀ ଦଣ୍ଡୁଆଙ୍କ ଦ୍ୱାରା ନିମନ୍ତ୍ରଣ କ୍ରମେ ଏହି ଉତ୍ସବରେ ବେଣାଗାଡ଼ିଆ ଗ୍ରାମର ଆରାଧ୍ୟ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ନୟାଗଡ଼ ଜିଲା ସୁକଳଗାଡିଆ, କାଚେରାସାହି ଓ ଗୋବିନ୍ଦପୁରର ଶ୍ରୀ ସୋମନାଥ ଦେବ, ସାହାସପୁରର ଶ୍ରୀ କପିଳେଶ୍ୱର ଦେବ, ମଙ୍ଗଳପୁର, ଚମ୍ପତିପୁର ଓ ପାଟଣାସାହି ପ୍ରଭୁ ଶ୍ରୀ ବାଲୁଙ୍କେଶ୍ୱର ଦେବ, ଖପରମଲ୍ଲ ଗ୍ରାମର ପ୍ରଭୁ ଶ୍ରୀ



ଚନ୍ଦ୍ରଶେଖର ଦେବ, ଗଦାଧରପ୍ରସାଦ ଗ୍ରାମର ଶ୍ରୀ ଲୋକନାଥ ଦେବଙ୍କ ଚଳନ୍ତି ପ୍ରତିମା ସୁସଜ୍ଜିତ ବିମାନ ଯୋଗେ ସାମିଲ ହେବା ସହିତ ଦଣ୍ଡକାମନାର ମାନସିକଧାରୀ ଦଣ୍ଡୁଆମାନେ ନିଜ ନିଜ ପୀଠର ଶକ୍ତି ବିଗ୍ରହ, ପ୍ରଭା ଓ ଦଣ୍ଡଧାରୀ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିରକୁ ବିଜେ କରିଥିଲେ । ସେଠାରୁ ସ୍ନାନ ନିମନ୍ତେ ଖଣ୍ଡପଡା ବଡପୋଖରୀକୁ ଯାଇ ସେଠାରେ ଆନୁସଙ୍ଗିକ ନୀତିକାନ୍ତି ପରେ ବାଜା ରୋଷଣୀ, ଘଣ୍ଟ, ମୃଦଙ୍ଗ, ଢୋଲ, ବାଣ ଓ ସଂକୀର୍ତ୍ତନରେ ନଗର ପରିକ୍ରମା କରିଥିବା ବେଳେ ସ୍ଥାନୀୟ ମଧୁବନ କ୍ରୀଡାଙ୍ଗନରେ ପ୍ରସ୍ତୁତ ମଣ୍ଡପକୁ ବିଜେ କରିଥିଲେ । ସେଠାରେ ୧୧ ଶମ୍ଭୁଙ୍କର ମହାମିଳନ ଅନୁଷ୍ଠିତ ହୋଇଥିଲା । ଏଥି ପାଇଁ ସହରାଞ୍ଚଳ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ପ୍ରତ୍ୟେକ ଘର ସମ୍ମୁଖ ଲିପାପୋଛା କରାଯାଇ ପ୍ରଦୀପ ପ୍ରଜ୍ୱଳନ ଓ ପୂର୍ଣ୍ଣକୁମ୍ଭ ସ୍ଥାପନ କରାଯାଇଥିବା ଦେଖାଯାଇଥିଲା ।

ପାରମ୍ପରିକ ପୂଜାପାଠ, ପଣା, ଭୋଗ ଆଦି ପରେ ଦଣ୍ଡଖେଳିବା, ପ୍ରଭାନୃତ୍ୟ ଆଦି ପରିବେଷଣ ହୋଇଥିଲା । ମହାମିଳନ ଉତ୍ସବ କମିଟି ଆୟୋଜକ ମନୋଜ କୁମାର ପାଲ, ସରୋଜ କୁମାର ପାଲଙ୍କ ସହ ସ୍ଥାନୀୟ ଯୁବକମାନେ ସହଯୋଗ କରିଥିଲେ । ଏଥି ପାଇଁ ସହରାଞ୍ଚଳ ସମେତ ଆଖପାଖ ଗ୍ରାମର ୫ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ମଧୁବନ କ୍ରୀଡାଙ୍ଗନରେ ଯୋଗଦେଇଥିଲେ । ମହାମିଳନ ପର୍ବ ପରେ ବିଗ୍ରହମାନେ ନିଜ ନିଜ ଆସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

# ହଷ୍ଟେଲରେ ପଡି ଛାତ୍ର ଗୁରୁତର

## ବିଭାଗୀୟ ମୁଖ୍ୟଙ୍କ ହଷ୍ଟେଲ ପ୍ରତି କର୍ତ୍ତୃତ୍ୱ ନାହିଁ

ପାରଳାଖେମୁଣ୍ଡି, ୯।୪(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗୁରାଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ବିଦ୍ୟାଳୟର ହଷ୍ଟେଲ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ନାହିଁ। ହଷ୍ଟେଲରେ ୱାର୍ଡେନ୍ କିମ୍ୱା ସୁରକ୍ଷା କର୍ମଚାରୀ ନିଯୁକ୍ତି ନଥିବା ବେଳେ ଏହା ଦାୟିତ୍ୱରେ ଗୋଷାଣି ବିଇଓ ରହିଛନ୍ତି । ହଷ୍ଟେଲ ପ୍ରତି କାହାରି କର୍ତ୍ତୃତ୍ୱ ନ ଥିବାରୁ ମଙ୍ଗଳବାର ଭୋର ସମୟରେ ଜଣେ ଛାତ୍ର ହଷ୍ଟେଲ ପରିସରରେ ପଡି ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଗୁରାଣ୍ଡି ଡାକ୍ତରଖାନାକୁ ନିଆଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ସେଠାରୁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଛାତ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କ ମା'ବାପା ତାଙ୍କୁ ଚିକିତ୍ସା ପାଇଁ ଆନ୍ଧ୍ରର ଶ୍ରୀକାକୁଳମ ନେଇଥିଲେ ବୋଲି ବିଇଓ ସୀତାରାମ ପାତ୍ର କହଛନ୍ତି । ତେବେ ସେଠାରେ ଅର୍ଥ ଅଭାବରୁ ପରିବାର ଲୋକେ ତାଙ୍କୁ ଘରକୁ ଫେରାଇ ଆଣିଥିବା ଜଣାପଡିଛି। ଏ ସମ୍ପର୍କରେ ଡିଇଓ ମାୟାଧର ସାହୁଙ୍କୁ ପଚାରିବାରୁ ସେ କହିଲେ, ସମ୍ପୃକ୍ତ ଛାତ୍ର ଜଣକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ବେଳେ ତାଙ୍କୁ ପରିବାର ଲୋକେ ଶ୍ରୀକାକୁଳମ ନେବାର ନ ଥିଲା। ଶ୍ରୀକାକୁଳମରେ ଦୁଇ ଦିନ ରଖି ପରିବାର ଲୋକେ ତାଙ୍କୁ ଗାଁକୁ ନେଇଛନ୍ତି। ସେଠାରେ ତାଙ୍କର କ'ଣ ଚିକିତ୍ସା ହେଲା କ'ଣ ରିପୋର୍ଟ ବାହାରିଲା ସେମାନେ ଆମକୁ କିଛି ଜଣାଇନାହାନ୍ତି। ତେବେ ଗୁରୁବାର ମୁଁ ଆମ କାର୍ଯ୍ୟାଳୟରୁ ୨ଜଣ କର୍ମଚାରୀଙ୍କୁ ସମ୍ପୃକ୍ତ ଛାତ୍ରଙ୍କ ଗାଁକୁ ପଠାଇଥିଲି। ପରିବାର ଲୋକେ ଛାତ୍ରଙ୍କୁ ଆଣି ଦେଖାଇଥିଲେ ମଧ ସେଠାକାର କୌଣସି ରିପୋର୍ଟ କର୍ମଚାରୀମାନେ ମାଗିବାରୁ ମଧ ଦେଖାଇ ନ ଥିଲେ ବୋଲି ଡିଇଓ ସାହୁ କହିଛନ୍ତି।

# ପ୍ରଭୁଙ୍କ ଠାରେ ଲାଗିହେଲା ୭ କେଜିର ରୁପା ମୁଖା

ଖଣ୍ଡପଡା,୯।୪(ଅଜୟ କୁମାର ମହାରଣା)

ଖଣ୍ଡପଡା ଅନ୍ତର୍ଗତ ବେଣାଗାଡିଆସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ ଜୀଉଙ୍କ କୋଠିରେ ୧୫୬ ପାଟଦଣ୍ଡ ମହୋତ୍ସବ ବୁଧବାର ପାଳିତ ହୋଇଯାଇଛି। ଚଳିତ ବର୍ଷ ଅନୁଷ୍ଠାନ ପକ୍ଷରୁ ଗୌରୀବେତ ସହ ଠାକୁରଙ୍କ ଏକ ୭ କିଲୋଗ୍ରାମର ରୁପା ମୁଖା ଲାଗି ହୋଇଥିବା ପରିଲକ୍ଷିତ ହୋଇଥିଲା। ଦେବୀ ପାର୍ବତୀଙ୍କ ଭବ୍ୟ ରୌପ୍ୟ ପ୍ରତିମା ଓ ପୁଷ୍ପ ଟାହିଆ ଭକ୍ତମାନଙ୍କ ମନକୁ ସ୍ୱତଃ ଆକର୍ଷିତ କରିଥିଲା। ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ୧୫୬ ପାଣିଦଣ୍ଡର ସମସ୍ତ ଆୟୋଜନ କରିଥିଲେ। ବେଣାଗାଡିଆ, ମୁରାରୀପୁର, ତେନ୍ତୁଳିଆପଲ୍ଲୀ, ବରକୋଳି ଓ ଦୁଆରଗାଁ ଆଦି ୫ ମୌଜା ଗ୍ରାମବାସୀଙ୍କ ସହାୟତାରେ ଗୋଟିଏ କୋଠିର ୧୫୬ମୁଠା ଦଣ୍ଡ ଅପରାହ୍ନ ପ୍ରାୟ ୪ଟା ୩୦ଟାରେ ବେଣାଗାଡିଆ କୁମ୍ଭାର ଖାଡିଆ ପୋଖରୀରେ ସ୍ନାନ ପୂଜା ସମ୍ପନ୍ନ କରି ପୂଜାର୍ଚ୍ଚନା ପରେ ମନ୍ଦିର ବେଢା ପରିକ୍ରମା କରିଥିଲେ। ପରେ ଗ୍ରାମ କୋଠି ପରିକ୍ରମା କରି ୫ ମୌଜା ଗ୍ରାମ ପରିକ୍ରମା

## ନୀଳକଣ୍ଠେଶ୍ୱର ମହାଦେବଙ୍କ ୧୫୬ ପାଟଦଣ୍ଡ



କରିଥିଲେ। ଠାକୁରଙ୍କୁ ଗ୍ରାମ ବିଜେ କରାଇ ପ୍ରତି ଦ୍ୱାରରେ ଠାକୁର ପୂଜା ପାଇଥିଲେ। ଗ୍ରାମବାସୀ ଶୁଦ୍ଧପୁତ ଭାବରେ ଦାଣ୍ଡ ରାସ୍ତା ପରିଷ୍କାର କରି ଗୋବରରେ ଲିପାପୋଛା କରିଥିଲେ। ପ୍ରତି ଦ୍ୱାରରେ ଦୀପ ଓ କଳସ ବସାଇବା ସହ ଠାକୁରଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଦଣ୍ଡୁଆମାନଙ୍କ କଳା ରୁଦ୍ରମଣି ଭଜେ,' ଡାକରେ ତଥା ଉପସ୍ଥିତ ହଜାର ହଜାର ଶ୍ରଦ୍ଧାଳୁମାନଙ୍କ ହରିବୋଲ ହୁଳହୁଳି ଶବ୍ଦ ପରିବେଶକୁ ମନୋଜ୍ଞ ଓ ସରସ ସୁନ୍ଦର କରିଥିଲା। ରାତ୍ରିରେ ବେଣାଗାଡିଆ ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିଲା। ଠାକୁରଙ୍କ ଯାତ୍ରା ସମ୍ପନ୍ନ ପରେ ବିଳମ୍ବିତ ରାତିରେ କୋଠିକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

# ନାବାଳିକାଙ୍କୁ ବଳାତ୍କାର, ଅଟୋଚାଳକ ଗିରଫ

କ. ନୂଆଗାଁ ୯।୪ (କାଳି ପ୍ରାସାଦ ତ୍ରିପାଠୀ)

କନ୍ଧମାଳ ଜିଲା କ. ନୂଆଗାଁ ଥାନା ଅଞ୍ଚଳରେ ଜଣେ ନାବାଳିକା ବଳାତ୍କାର ଶିକାର ହୋଇଛନ୍ତି। ଏଥିରେ ସମ୍ପୃକ୍ତ ଜଣେ ଅଟୋ ଡ୍ରାଇଭରଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ଅଟୋକୁ ଜବତ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ସାରକେତା ଗ୍ରାମର ଗଣେଶ ପାତ୍ର (୨୯)। ଖବରରୁ ଜଣାପଡିଛି, ବୁଧବାର ସକାଳେ ନାବାଳିକା (୧୭) ଜଣଙ୍କ ଗାଧେଇବାକୁ ଯାଉଥିବା ବେଳେ ସେହି ରାସ୍ତାରେ ଅଟୋ (ଓଡ଼ି ୧୨ଇ-୨୪୦୨) ନେଇ ଯାଉଥିବା ଗଣେଶ ନାବାଳିକା ଜଣକ ନିଛାଟିଆ ରାସ୍ତାରେ ଏକୁଟିଆ ଦେଖି ଗାଡି ରଖି ତାଙ୍କ ପାଖକୁ ଯାଇ ବଳାତ୍କାର କରିଥିଲେ। ନାବାଳିକା ପାଟି କରିବାରୁ ସେ ଦୌଡି ପଳାଇଥିଲେ। ଏନେଇ ଅଭିଯୋଗ ପରେ ନୂଆଗାଁ ପୋଲିସ ପହଞ୍ଚି ଅଟୋ ଜବତ କରିଥିଲା। ଗଣେଶଙ୍କ ଫୋନ ଟ୍ରାକ କରି ସେ ନିକଟସ୍ଥ ଜଙ୍ଗଲରେ ଥିବା ଜଣା ପଡିବାରୁ ଥାନା ଅଧିକାରୀ ଆଶୁତୋଷ ଜେନା ଟିମ୍ ସହ ଜଙ୍ଗଲକୁ ଯାଇ ତାଙ୍କୁ ଧରି ଥାନାକୁ ଆଣିଥିଲେ। ଏନେଇ ନଂ. ୫୯/୨୬ରେ ଏକ ମାମଲା ରୁଜୁ ହୋଇଛି। ଗିରଫ ପରେ ଗଣେଶଙ୍କୁ କୋର୍ଟଚାଲାଣ କରାଯାଇଛି।

# ବିଦ୍ୟାଳୟ ସ୍ତରୀୟ ଗଣିତ, ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ

ରାଇକିଆ,୯।୪(ପ୍ରଦୀପ ବେହେରା): କନ୍ଧମାଳ ଜିଲା ରାଇକିଆ ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଗଣିତ ଓ ବିଜ୍ଞାନ ସର୍କଲ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଛାତ୍ରୀମାନଙ୍କ ମଧ୍ୟରେ ଗଣିତ ଓ ବିଜ୍ଞାନରେ ଦକ୍ଷତା ପ୍ରଦର୍ଶନ ପାଇଁ ସୁଯୋଗ ସୃଷ୍ଟି କରୁଥିବା ଏହି କାର୍ଯ୍ୟକ୍ରମରେ ଉଭୟ ବିଭାଗରେ ୧୪ଜଣ ଲେଖାଏ ଛାତ୍ରୀ ଭାଗ ନେଇଥିଲେ। ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କେଶବ ମଲ୍ଲିକ ଏବଂ ସମ୍ମାନୀତ ଅତିଥି ଭାବେ ଜିପିଓ ମହେଶ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୧୩ ଜଣ ବିଚାରକ ମଣ୍ଡଳୀ ଶ୍ରେଷ୍ଠ ପ୍ରକଳ୍ପ ଉପସ୍ଥାପନ କରିଥିବା ଉଭୟ ବିଭାଗରୁ ୬ ଜଣଙ୍କୁ ମନୋନୀତ କରିଥିଲେ। ପ୍ରଧାନ ଶିକ୍ଷକ ସରୋଜ ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା ।

# ୫୧୦ କେଜି ଗଞ୍ଜେଇ ଜବତ

ଆର.ଉଦୟଗିରି,୯।୪ (ମନୋଜ କୁମାର ପାଢୀ)

ଆର.ଉଦୟଗିରି ପୋଲିସ ଏସଡିପିଓ ରାକେଶ ସାହୁ (ଆଇପିଏସ୍)ଙ୍କ ନିର୍ଦ୍ଦେଶରେ ଗୁଇବାଡି ଗାଁରେ ଗୁରୁବାର ଚଢ଼ାଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ୧୭ଟି ପ୍ଲାଷ୍ଟିକ ବ୍ୟାଗରେ ୫୧୦ କେଜି ଗଞ୍ଜେଇ ଜବତ ହୋଇଛି। ତେବେ ଘଟଣା ସ୍ଥଳରୁ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିପାରିନି ପୋଲିସ। ନଂ. ୫୦/୨୬ରେ ଏନ୍‌ଡିପିଏସ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ତେବେ ଖୁବ୍ ଶୀଘ୍ର ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସଡିପିଓ ସାହୁ ସୂଚନା କହିଛନ୍ତି ।

# ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ

ପୁରୁଷୋତ୍ତମପୁର,୯।୪ (ସବିତା ମିଶ୍ର)

ଓଡ଼ିଆ ପକ୍ଷ ପାଳନ ଅବସରରେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନଏସି ପକ୍ଷରୁ ନିର୍ବାହୀ ଅଧିକାରୀ ସଙ୍ଗୀତା ସେଠୀଙ୍କ ତତ୍ତ୍ୱାବଧାନରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ କଲେଜଛକସ୍ଥିତ ବସଷ୍ଟାଣ୍ଡଠାରେ ବିଭିନ୍ନ ମହାପୁରଷଙ୍କ ଜୀବନୀ, କାହାଣୀ ଓ ଐତିହାସିକ ସଂକ୍ରାନ୍ତୀୟ ପୁସ୍ତକକୁ ନେଇ ଏକ ଷ୍ଟଲ ଖୋଲାଯାଇଥିଲା। କଲେଜ ଛାତ୍ରୀଛାତ୍ର ଓ ପାଠକମାନେ ଷ୍ଟଲକୁ ଆସି ପୁସ୍ତକଗୁଡିକୁ ପଢି ଆଗ୍ରହ ସହ କିଣିଥିଲେ। ଏଥିରେ ଏନଏସି ଅଧକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, କାଉନସିଲର ଭାସ୍କର ବେହେରା ଅତିଥି ଭାବେ ଯୋଗଦେଇଥିଲେ। ଏନଏସି କର୍ମଚାରୀ ମାନେ ଏହାକୁ ପରିଚାଳନା କରିଥିଲେ।

# କଲଭର୍ଟରେ ବାଇକ୍ ପିଟିହୋଇ ଜଣେ ମୃତ

ଭଞ୍ଜନଗର,୯।୪(ବାବୁଲା ପ୍ରଧାନ):

ଭଞ୍ଜନଗର ଥାନା ଅନ୍ତର୍ଗତ କୋଟିବିରାଡ଼ି ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ କଲଭର୍ଟରେ ବାଇକ୍ ପିଟି ହେବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ବାଉଁଶମଣି ଗ୍ରାମର ସଞ୍ଜୟ ପ୍ରଧାନ। ଗାଲେରୀ ଫାଣ୍ଡି ଅନ୍ତର୍ଗତ ହରିଗଡ ନିକଟସ୍ଥ ଚଢ଼େୟାପଲ୍ଲୀର ବାବୁ ମଲିକ ଗୁରୁତର ଆହତ ହୋଇଥିବାରୁ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଭଞ୍ଜନଗର ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଭଞ୍ଜନଗର-ଦଶପଲ୍ଲା ରାସ୍ତାରେ ତ୍ରୁଟିପୂର୍ଣ୍ଣ କଲଭର୍ଟ ନିର୍ମାଣ ଯୋଗୁ ଏତେବଡ ଦୁର୍ଘଟଣା ଘଟିଲା ବୋଲି ସମ୍ପୃକ୍ତ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଚଢ଼େୟାପଲ୍ଲୀର ସାଗର ମଲିକଙ୍କ ଘରକୁ ତାଙ୍କ ସଙ୍ଗାତ ସଞ୍ଜୟ ବୁଧବାର ଯାଇଥିଲେ। ରାତିରେ ସଞ୍ଜୟ , ସାଗର ଓ ସାଗରଙ୍କ ଭଣଜା ବାବୁ ମିଶି ୨ଟି ବାଇକ୍‌ରେ ଦଣ୍ଡନାଚ ଦେଖିବାକୁ ଭଞ୍ଜନଗର ନିକଟସ୍ଥ ଉଲୁନ୍ଦନ ଆସିଥିଲେ। ନାଚ ଦେଖିବା ପରେ ବାବୁ ଓ ସଞ୍ଜୟ କୁଲାଡ ଅଭିମୁଖେ ଫେରୁଥିଲେ। କୁଲାଡରେ ସଞ୍ଜୟ ଶ୍ରମିକ କାମ କରୁଥିବା ଯୋଗୁ ରାତିରେ କ୍ୟାମ୍ପରେ ରହିବା ପାଇଁ ଆସୁଥିଲେ। ବାଟରେ କୋଟିବିରାଡ଼ି ଗ୍ରାମ ଛକ ନିକଟ ଗୋଲେଇରେ ଥିବା କଲଭର୍ଟରେ ସେମାନଙ୍କ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦଣ୍ଡନାଚ ଦେଖୁଥିବା ସାଗର ଏହି ଖବରପାଇବା ପରେ ଦୁର୍ଘଟଣାସ୍ଥଳକୁ ଯାଇ ଗୁରୁତର ଅବସ୍ଥାରେ ସଞ୍ଜୟ ଓ ବାବୁଙ୍କୁ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲ ଆଣିଥିଲେ। ସଞ୍ଜୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ବାବୁଙ୍କୁ ବ୍ରହ୍ମପୁର ନିଆଯାଇଛି।

# ଗଞ୍ଜାମ ସହରର ୨ ଛକରେ ଓଭରବ୍ରିଜ ପାଇଁ ଦାବି

■ଜୟଶ୍ରୀ ଛକ ଏବଂ ଶନି ମନ୍ଦିର ଛକରେ ପ୍ରତି ମୁହୂର୍ତ୍ତରେ ରହୁଛି ବିପଦ

■ବାରମ୍ବାର ଜଣାଇଲେ ମଧ ଶୁଣୁନି ପ୍ରଶାସନ, ସରକାର

ଗଞ୍ଜାମ,୯।୪(ଅନାଥ ତରାଇ)

ଗଞ୍ଜାମ ସହର ମଧ ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥ ଏବେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ମରଣଯନ୍ତା ପାଲଟିଛି। ସହରର ବ୍ୟସ୍ତବହୁଳ ଜୟଶ୍ରୀ ଛକ ଏବଂ ଶନି ମନ୍ଦିର ଛକ ନିକଟରେ ଓଭରବ୍ରିଜ ନ ଥିବାରୁ ପ୍ରତିଦିନ ଶତାଧିକ ସ୍କୁଲ ଛାତ୍ରୀଛାତ୍ର, ଶ୍ରମିକ ଓ ବୟସ୍କ ବ୍ୟକ୍ତି ବିପଦପୂର୍ଣ୍ଣ ଅବସ୍ଥାରେ ରାସ୍ତା ପାର ହେଉଛନ୍ତି। ଏହି ଜାତୀୟ ରାଜପଥର ଗୋଟିଏ ପାର୍ଶ୍ୱରେ ଗଞ୍ଜାମ ସହରର ମୁଖ୍ୟ ବଜାର, ଡାକ୍ତରଖାନା, ଏନଏସି କାର୍ଯ୍ୟାଳୟ, ବ୍ୟାଙ୍କ, ଡାକଘର ଓ ଶିକ୍ଷାନୁଷ୍ଠାନ ରହିଥିବା ବେଳେ ଅନ୍ୟ ପାର୍ଶ୍ୱରେ ତହସିଲ ଅଫିସ, ଆର୍.ଆଇ କାର୍ଯ୍ୟାଳୟ, ସବ ରେଜିଷ୍ଟ୍ରାର ଅଫିସ, ମନ୍ଦିର, ଗ୍ରାସିମ ଶିଳ୍ପ ସଂସ୍ଥା, ବିଦ୍ୟାଳୟ, ବରପଲି (ୱାର୍ଡ ନଂ ୯), ୱର୍କର କଲୋନୀ ଓ ଷ୍ଟାଫ କଲୋନୀ (ୱାର୍ଡ ନଂ ୧୦) ସମେତ ଐତିହାସିକ ପୋତାଗଡ଼ ଦୁର୍ଗ


ଶନି ମନ୍ଦିର ଛକ ଦେଇ ଛାତ୍ରୀଛାତ୍ର ଓ ଲୋକମାନେ ଯାତାୟାତ କରୁଛନ୍ତି।

ରହିଛି। ଫଳରେ ଦୈନିକ ବହୁ ଲୋକଙ୍କୁ ନିଜର ଜୀବିକା, ଶିକ୍ଷା ଓ ଅନ୍ୟାନ୍ୟ ଜରୁରୀ ଆବଶ୍ୟକତା ପାଇଁ ଏହି ଜାତୀୟ ରାଜପଥ ଅତିକ୍ରମ କରିବାକୁ ପଡ଼ିଥାଏ। ଭାରିଯାନବାହାନର ନିରନ୍ତର ଚଳପ୍ରଚଳ ଓ ଦ୍ରୁତ ଗତି ଯୋଗୁ ଏଠାରେ ସବୁବେଳେ ଦୁର୍ଘଟଣାର ଭୟ ଲାଗି ରହିଥାଏ। ଐତିହାସିକ ପୋତାଗଡ଼ ଦୁର୍ଗ ପରିଦର୍ଶନ ପାଇଁ ଆସୁଥିବା ପର୍ଯ୍ୟଟକମାନେ ମଧ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ଦିନ ହେବ ସ୍ଥାନୀୟ ଅଞ୍ଚଳବାସୀ ଏଠାରେ ଓଭରବ୍ରିଜ ନିର୍ମାଣ ପାଇଁ ଦାବି କରି ଆସୁଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗଞ୍ଜାମ ବରିଷ୍ଠ ନାଗରିକ ପରିଷଦ ସଭାପତି ରବୀନ୍ଦ୍ର ପଣ୍ଡା କହିଛନ୍ତି, ପ୍ରତିଦିନ ଛୋଟ ଛୋଟ ପିଲାମାନେ ବ୍ୟାଗ ଧରି ଏହି ବ୍ୟସ୍ତବହୁଳ ରାସ୍ତା ପାର ହେବା ଦେଖିଲେ ମନ କଷ୍ଟ ହେଉଛି। ଆମେ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ କେହି ଶୁଣୁନାହାନ୍ତି। ଏଠାରେ ଓଭରବ୍ରିଜ ନିର୍ମାଣ ଆମ ପାଇଁ କୌଣସି ବିଳାସ ନୁହେଁ ବରଂ ଏହା ଆମ ଜୀବନ ରକ୍ଷା ପାଇଁ ଏକ ଜରୁରୀ ଆବଶ୍ୟକତା। ସେ ଏ ନେଇ ଛତ୍ରପୁର ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବୋଲି ପଣ୍ଡା କହିଛନ୍ତି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଯଦି ଗୁରୁତ୍ୱ ଦେଇ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଛକରେ ଓଭରବ୍ରିଜ ନିର୍ମାଣ କରନ୍ତେ, ତେବେ ଅଞ୍ଚଳବାସୀ ସୁରକ୍ଷିତ ଭାବେ ଯାତାୟାତ କରିପାରନ୍ତେ। ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ସରକାର ଏହି ଦିଗରେ ଶୀଘ୍ର ନିଷ୍ପତ୍ତି ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବନ୍ୟା ନିୟନ୍ତ୍ରଣ ପ୍ରକଳ୍ପରେ ଲାଭଖୋର ମନୋବୃତ୍ତି

■ ପଥର ପ୍ୟାକିଂ, ମାଟି ବନ୍ଧ କାର୍ଯ୍ୟ ନିମ୍ନମାନର
■ ଆଶଙ୍କାରେ ବୈତରଣୀ, କାଣୀ ତଟବର୍ତ୍ତି ଅଞ୍ଚଳବାସୀ

ଯାଜପୁର,୯।୪
(ହର୍ଷବର୍ଦ୍ଧନ ବେହେରା):


କାଣୀ ନଦୀର ବାମ ପାର୍ଶ୍ୱ ପଛପଟା ଗ୍ରାମ ନିକଟରେ ନଦୀବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟ ଚାଲିଛି।

ବର୍ଷାଦିନ ହେଲେ ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ ଏବଂ ଏହାର ଶାଖା ନଦୀଗୁଡ଼ିକର ତଟବର୍ତ୍ତୀ ଅଞ୍ଚଳବାସୀଙ୍କୁ ବନ୍ୟା ଭୟ ଲାଗିରହିଥାଏ। ତେବେ ଏହି ଭୟକୁ ଦୂର କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଯାଜପୁର ଜଳସମ୍ପଦ ବିଭାଗ ଦ୍ୱାରା ଦୁର୍ବଳ ନଦୀବନ୍ଧ ସ୍ଥାନଗୁଡ଼ିକରେ ପ୍ରାୟ ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଏକାଧିକ ବନ୍ୟା ନିୟନ୍ତ୍ରଣ ପ୍ରକଳ୍ପ କାମ ଚାଲିଛି। ଏଥିରେ ଜିଲାର କୋରେଇ, ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ବ୍ଲକ ଅଞ୍ଚଳବାସୀ ବନ୍ୟା ଦାଉରୁ ମୁକୁଳିପାରିବେ ବୋଲି ସରକାରଙ୍କ ଉଦ୍ଦେଶ୍ୟ ରହିଛି। କିନ୍ତୁ ଦାୟିତ୍ୱରେ ରହିଥିବା ଠିକାସଂସ୍ଥାଗୁଡ଼ିକର କେବଳ ଲାଭଖୋର ମନୋବୃତ୍ତି କାର୍ଯ୍ୟ ଯୋଗୁ ସରକାରଙ୍କ ଏହି ମହତ ଉଦ୍ଦେଶ୍ୟ ପରାହତ ହେବ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକଟ କରିଛନ୍ତି।

ବୈତରଣୀ ଓ ଏହାର ଶାଖା କାଣୀ ନଦୀରେ ୨୦୨୫ରେ କେତେକ ନଦୀବନ୍ଧ ଧସି ଯିବା ସହ ଘାଇ ସୃଷ୍ଟି ହୋଇଥିଲା। ବୈତରଣୀ ନଦୀର ଡାହାଣ ପାର୍ଶ୍ୱ ବ୍ରହ୍ମଚାରୀପାଟଣାଠାରୁ ଅର୍ଦ୍ଧାଉଲିଆ ପର୍ଯ୍ୟନ୍ତ ନିର୍ମାଣାଧୀନ ନଦୀବନ୍ଧର କୁଅଁରସାହି ଗ୍ରାମ ନିକଟରେ ମାଟି ଧସି ପଡ଼ିଥିଲା। ନଦୀବନ୍ଧର ପ୍ରାୟ ୫ ଫୁଟ ଉଚ୍ଚତା ଓ ୧୬୦ ଫୁଟ ଲମ୍ବ ଅଂଶ ନଦୀ ଭିତରକୁ ଧସି ଯାଇଥିବା ଦେଖିବାକୁ ମିଳିଥିଲା। ସେହିପରି କଣ୍ଟପଡ଼ା, ପଛପଡ଼ା, ନୂଆପାଟଣା, ଗୁଣ୍ଡୁଣିପଡା ଆଦି ସ୍ଥାନରେ ନଦୀବନ୍ଧ ଦୁର୍ବଳ ହୋଇ ପଡ଼ିଥିଲା। ଏଭଳି ଭାବେ ଗତ ୧୮ ବର୍ଷରେ ନିୟମିତ ବ୍ୟବଧାନରେ ୬ ବଡ଼ ବନ୍ୟା ଲୋକଙ୍କ ଜୀବନକୁ ବିପଦରେ ପକାଇ ଆସିଛି। ଏହାପରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିପୁଳ କୋଟି ଟଙ୍କା ଖର୍ଚ୍ଚ କରି ଏକାଧିକ ନଦୀବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟ ହୋଇଥିଲା। ହେଲେ କୌଣସି ନଦୀବନ୍ଧ ସ୍ଥାନୀୟ ଲୋକଙ୍କୁ ଉପଯୁକ୍ତ ଭାବେ ସୁରକ୍ଷା ଦେଇ ପାରି ନ ଥିଲା। ବର୍ଷା ପୂର୍ବରୁ ଲୋକଙ୍କୁ ସୁରକ୍ଷା ଦେବା ଲକ୍ଷ୍ୟରେ ଏବେ କାଣୀ ନଦୀର ଡାହାଣପାର୍ଶ୍ୱ କଣ୍ଟପଡ଼ା ଓ ବାମ ପାର୍ଶ୍ୱ ପଛପଟା ଗ୍ରାମ ନିକଟରେ ନଦୀବନ୍ଧ ସୁଦଢ଼ୀକରଣ କାର୍ଯ୍ୟ ଚାଲିଛି। ଏଥିରେ ପଥର ପ୍ୟାକିଂ, ମାଟି ଫିଲିଂ ଇତ୍ୟାଦି କାର୍ଯ୍ୟ ହେଉଛି। ହେଲେ ଉକ୍ତ କାର୍ଯ୍ୟକୁ ଯେକେହି ବି ଦେଖିବେ ତାହାର ମାନ ସହଜରେ ନିରୂପଣ କରି ପାରିବେ। ପଥର ପ୍ୟାକିଂ ନୁହେଁ, କେବଳ ନଦୀବନ୍ଧରେ ପଥର ପିଛାଯାଉଥିବା ଦେଖିବାକୁ ମିଳିଛି। ଏହାବାଦ ବୈତରଣୀ ନଦୀର ଡାହାଣ ପାର୍ଶ୍ୱ ନୂଆପାଟଣା, ଇଚ୍ଛାପୁର, ଗୁଣ୍ଡୁଣିପଡ଼ା ଓ ଖରସ୍ରୋତା ନଦୀର ଜରି ନିକଟରେ ନଦୀବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟ ଚାଲିଛି। ହେଲେ ସମସ୍ତ କାର୍ଯ୍ୟ ବନ୍ୟାରୁ ରକ୍ଷା କରିବାକୁ ନୁହେଁ ବରଂ ଠିକାଦାର ପୋଷା ନୀତି ବୋଲି ସଂପୃକ୍ତ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି।

ଗତ ଅକ୍ଟୋବରରେ ବୈତରଣୀ ନଦୀର ପ୍ରଖର ସ୍ରୋତରେ ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଡୁଣିପଡା ଗ୍ରାମ ନିକଟ ନଦୀବନ୍ଧ ପ୍ରାୟ ୩୦୦ ମିଟର ପର୍ଯ୍ୟନ୍ତ ଧସିଯାଇଥିଲା। ବର୍ତ୍ତମାନ ସେହି ସ୍ଥାନରେ ପଥର ପ୍ୟାକିଂ କାର୍ଯ୍ୟ ଚାଲିଛି। ହେଲେ ବିଭାଗୀୟ ଯୋଜନା ଅନୁସାରେ କାମ ହେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମନରେ ନାନା ଆଶଙ୍କା ସୃଷ୍ଟି ହେଉଛି। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ବି କୌଣସି ସୁଫଳ ମିଳି ପାରୁନାହିଁ।

ବ୍ରାହ୍ମଣୀ ଓ ବୈତରଣୀ ନଦୀର ତଳମୁଣ୍ଡରେ ୨୦୨୦ ଅଗଷ୍ଟ ୨୬ରୁ୨୯ ତାରିଖ ପର୍ଯ୍ୟନ୍ତ ହୋଇଥିବା ବନ୍ୟାରେ ଜିଲାର ବିଭିନ୍ନ ନଦୀବନ୍ଧରେ ୨୫ଟି ଘାଇ ସୃଷ୍ଟି ହୋଇଥିଲା। ରାଜ୍ୟ ଜଳ ସମ୍ପଦ ବିଭାଗର ତତ୍କାଳୀନ ପ୍ରିନ୍ସିପାଲ ସେକ୍ରେଟାରି ଅନୁ ଗର୍ଗ ତାଙ୍କ ପତ୍ରସଂଖ୍ୟା ୧୫୩୦୧/୨୯।୮।୨୦୨୦ରେ ଉପକୂଳବର୍ତ୍ତୀ ୧୩ ଜିଲାପାଳଙ୍କୁ କ୍ଷୁଦ୍ର ଓ ମଧ୍ୟମଧରଣର ବନ୍ୟାର ସୁରୁଖୁରୁ ପରିଚାଳନା ଉପରେ କେତେକ ପରାମର୍ଶ ଦେଇଥିଲେ। ଏଥିମଧ୍ୟରୁ ଦୁର୍ବଳ ଓ ଘଳିଆ ଥିବା ନଦୀବନ୍ଧଗୁଡିକର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହାସହ ଜଳସମ୍ପଦ ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା ନଦୀବନ୍ଧଗୁଡ଼ିକର ରାତ୍ରୀକାଳୀନ ପାଟ୍ରୋଲିଂ ସହ ଜିଲାପାଳମାନେ ବ୍ୟକ୍ତିଗତ ଭାବେ ଏହାର ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଏହିସବୁ ନିଷ୍ପତ୍ତି କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ବୁଝିବାକୁ ଜିଲାରେ କେହି ନାହାନ୍ତି ବୋଲି ମନେ ହେଉଛି। ଏଥିଯୋଗୁ କେବଳ ଘାଇ ସୃଷ୍ଟି ହେଉନାହିଁ ଲକ୍ଷାଧିକ ଲୋକଙ୍କ ଧନଜୀବନ ପ୍ରଭାବିତ ହେଉଛି ବୋଲି ମତପ୍ରକାଶ ପାଇଛି। ବନ୍ୟା ଯୋଗୁ ଘାଇ ସୃଷ୍ଟି ହେବା ପରେ ଜଳ ସମ୍ପଦ ବିଭାଗ ପକ୍ଷରୁ ମରାମତି ପାଇଁ ବ୍ୟୟଅଟକଳ ପ୍ରସ୍ତୁତ କରାଯାଇ ତୁରନ୍ତ ଅନୁଦାନ ମଞ୍ଜୁର କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଉଛି। କିନ୍ତୁ କାର୍ଯ୍ୟରେ କେତେ ସ୍ୱଚ୍ଛତା ରହିଛି, ଦୁର୍ବଳ ନଦୀବନ୍ଧ ଦୂର ହେଲା କି ନାହିଁ, ଆଗାମୀ ଦିନରେ ପୁଣି ଘାଇ ସୃଷ୍ଟିର ସମ୍ଭାବନା ଅଛି କି, ଦୁର୍ବଳ ନଦୀବନ୍ଧ ଚିହ୍ନଟ କରି ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବ କି ନାହିଁ ଆଦି ପ୍ରଶ୍ନ ଏବେ ବନ୍ୟା ପ୍ରଭାବିତଙ୍କ ମଧ୍ୟରେ ଉଙ୍କି ମାରୁଛି। ଏ ସଂକ୍ରାନ୍ତରେ ଯାଜପୁର ଜଳ ସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ରତ୍ନାକର ଦଲେଇଙ୍କୁ ପଚାରିବାରେ ସେ କହିଛନ୍ତି, ସମସ୍ତ ନିର୍ମାଣାଧୀନ ପ୍ରକଳ୍ପ ଠିକ ଭାବେ ଚାଲିଛି। ଏଥିରେ କୌଣସି ପ୍ରକାର ଅନିୟମିତତା ହେଉନାହିଁ। ବିଭାଗ ପକ୍ଷରୁ ନିୟମିତ ଭାବେ ଯାଞ୍ଚ କରାଯାଉଛି।

# ଇଣ୍ଟରନେଟ ଯୁଗରେ ବି ପୁସ୍ତକ ପଠନର ଗୁରୁତ୍ୱ ରହିଛି


ଆଲୋଚନାଚକ୍ରରେ ମଞ୍ଚାସୀନ ଅଧ୍ୟାପିକାଅଧ୍ୟାପକ, ଅତିଥି ଓ ଛାତ୍ରୀଛାତ୍ର।

ବଡ଼ଚଣା,୯।୪(ଦିଲୀପ କୁମାର ମହାନ୍ତି):

**ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ 'ଆସ ବହିଟିଏ କିଣିବା' ଶୀର୍ଷକ ଆଲୋଚନାଚକ୍ର**

ଏପ୍ରିଲ ୧ରୁ୧୪ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି ଓଡ଼ିଆ ପକ୍ଷ। ଏହି ଅବସରରରେ ଗୁରୁବାର ୯ମ ଦିବସରେ ବଡ଼ଚଣା ବ୍ଲକ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମହାବିଦ୍ୟାଳୟ ସାଂସ୍କୃତିକ ପରିଷଦ ଓ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ 'ଆସ ବହିଟିଏ କିଣିବା'ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଦୀପ ବରାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ଭାରପ୍ରାପ୍ତ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ମୁଦୁଲି ଯୋଗଦେଇ ଇଣ୍ଟରନେଟ ଯୁଗରେ ଆଜିବି ପୁସ୍ତକ ପଠନର ଗୁରୁତ୍ୱ ରହିଛି ବୋଲି କହିଥିଲେ। ଏଥିସହିତ ପୁସ୍ତକ ଜ୍ଞାନର ଭଣ୍ଡାର, ପୁସ୍ତକ ହେଉଛି ପାଠକଙ୍କ ପ୍ରକୃତ ବନ୍ଧୁ। ତେଣୁ ପୁସ୍ତକର ବିକଳ୍ପ ନାହିଁ ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ କବି ଭକ୍ତ ଚରଣ ସାହୁ ଯୋଗଦେଇ ପିଲାମାନେ ଏକାଗ୍ରତା, ନିର୍ଭିକତା ଓ କର୍ତ୍ତବ୍ୟ ନିଷ୍ଠ ହେଲେ ସଫଳତା ପାଇ ପାରିବେ ବୋଲି କହିବା ସହିତ ବଡ଼ ମଣିଷ ନ ହୋଇ ଭଲ ମଣିଷ ହେବାକୁ ପିଲାଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସତ୍ୟପ୍ରକାଶ ନାୟକ ଯୋଗଦେଇ ପୁସ୍ତକ ପଠନର ଉପାଦେୟତା ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ କବିତା ପାଠ, ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଦୀପକ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଧର୍ମଶାଳାରେ ପୁଣି ବ୍ୟାପିଲା ଝାଡ଼ାବାନ୍ତି, ଜଣେ ମୃତ

ଧର୍ମଶାଳା/ଜେନାପୁର,୯।୪
(ବଟକୃଷ୍ଣ ପରିଡ଼ା/ଅଶୋକ ଦାସ):

**ଗତବର୍ଷ ହୋଇଥିଲା ଝାଡ଼ାବାନ୍ତି**

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଞ୍ଚଳକୁ ପୁଣି ଝାଡ଼ିବାନ୍ତି ଫେରିଛି। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନଥିବାବେଳେ ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଏହି ବ୍ଲକ ଅଞ୍ଜିରା ପଞ୍ଚାୟତ ବାଉଁଶଡ଼ୋଳ ଗ୍ରାମର ବାଦଲ ମଳିକ(୩୫)। ବାଦଲ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ୭ତାରିଖ ମଙ୍ଗଳବାର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଚିକିତ୍ସିତ ହୋଇ ୮ତାରିଖରେ ଘରକୁ ଫେରିଥିଲେ। ମାତ୍ର ତାଙ୍କ ପରିବାରର ୫ଜଣ ଓ ଗ୍ରାମର ଅନ୍ୟ ଜଣେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବାବେଳେ ବାଦଲ ପୁଣି ଆକ୍ରାନ୍ତ ହୋଇଥିଲେ। ଏହାପରେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହକୁ ପୋଲିସ ଜବତ କରି ବ୍ୟବଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଗାଁର ପ୍ରାୟ ୧୦ ଜଣେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ଜଣାପଡ଼ିବା ପରେ ଗାଁକୁ ମେଡିକାଲ ଟିମ୍ ଯାଇଥିବା ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି। ଲୋକେ ବ୍ୟବହାର କରୁଥିବା ପାଣିରୁ ଏହି ଝାଡ଼ାବାନ୍ତି ବ୍ୟାପିଥିବା ସନ୍ଦେହ କରାଯାଉଛି। ତେଣୁ ବ୍ୟବହୃତ ପାଣି ନମୁନା ସଂଗ୍ରହ କରାଯିବା ସହ ଏହାର କାରଣ ଖୋଜାଯିବ ବୋଲି ଡାକ୍ତର ସାହୁ ସୂଚନା ଦେଇଛନ୍ତି। ଧର୍ମଶାଳା ବ୍ଲକ୍ ଅଞ୍ଚଳରେ ଗତବର୍ଷ ଝାଡ଼ିବାନ୍ତିରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ଥିଲା।

# ସ୍ୱାସ୍ଥ୍ୟ ସେବା, ଭିତ୍ତିଭୂମିର କଲେ ସମୀକ୍ଷା

**ଜିଲାପାଳଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ**

ଯାଜପୁରଟାଉନ,୯।୪
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):


ଜିଲାପାଳ ଜଣେ ରୋଗୀଙ୍କ ସହ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା କରୁଛନ୍ତି।

ଯାଜପୁର ଜିଲାପାଳ ଅମ୍ବର କୁମାର କର ଗୁରୁବାର ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ସେ ଚିକିତ୍ସାଳୟର ବିଭିନ୍ନ ୱାର୍ଡ ବୁଲି ଦେଖିବା ସହ ସ୍ୱାସ୍ଥ୍ୟସେବାର ସ୍ଥିତି ସମୀକ୍ଷା କରିଥିଲେ। ଜିଲାପାଳ ପ୍ରଥମେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ସହ ଆଲୋଚନା କରିଥିଲେ। ସେମାନେ ପାଉଥିବା ଚିକିତ୍ସାର ଗୁଣବତ୍ତା ଓ ଡାକ୍ତରୀ ସେବା ଉପରେ ପଚାରି ବୁଝିଥିଲେ। ଏହାପରେ କାଜୁଆଲିଟିକୁ ଯାଇ ୨ ରୋଗୀଙ୍କ ସହ କଥା ହୋଇଥିଲେ। ପରୀକ୍ଷାଗାର ପରିଦର୍ଶନ ସମୟରେ ଆବଶ୍ୟକ ଉପକରଣ, ଯନ୍ତ୍ରପାତି ଓ ରିଏଜେଣ୍ଟର ଉପଲବ୍ଧତା ବିଷୟରେ ଅନୁଧ୍ୟାନ କରିଥିଲେ। ପ୍ରତିଦିନ କେତେ ସଂଖ୍ୟାରେ ଏବଂ କେଉଁ ପ୍ରକାର ପରୀକ୍ଷା କରାଯାଉଛି, ସେ ସମ୍ପର୍କରେ ସମୀକ୍ଷା କରିଥିଲେ। ଏହାପରେ 'ନିରାମୟ' ଔଷଧ ବିତରଣ କେନ୍ଦ୍ର ପରିଦର୍ଶନ କରି ଉପସ୍ଥିତ ରୋଗୀଙ୍କ ସହ କଥା ହୋଇଥିଲେ। ଔଷଧ ଠିକ୍‌ରେ ମିଳୁଛି କି ନାହିଁ, ସେ ବିଷୟରେ ତଦାରଖ କରିଥିଲେ। ଚିକିତ୍ସାଳୟର ଦ୍ୱିତୀୟ ମହଲାରେ ନୂତନ ଭାବେ ନିର୍ମିତ ହୋଇଥିବା ପେ-କ୍ୟାବିନଗୁଡ଼ିକୁ ମଧ୍ୟ ଜିଲାପାଳ ବୁଲି ଦେଖିଥିଲେ। ସେଠାରେ ଲାଗିଥିବା ପେସେଣ୍ଟ କଲିଂ ସିଷ୍ଟମ ଏବଂ ଅନ୍ୟ ଆନୁଷଙ୍ଗିକ ସୁବିଧାଗୁଡ଼ିକର କାର୍ଯ୍ୟକାରିତା ନିରୀକ୍ଷଣ କରିଥିଲେ। ଖୁବ୍‌ଶୀଘ୍ର ଏହି କ୍ୟାବିନଗୁଡ଼ିକୁ ରୋଗୀଙ୍କ ସେବା ପାଇଁ କାର୍ଯ୍ୟକ୍ଷମ କରିବାକୁ ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଓ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡାକ୍ତରଖାନାରେ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଗ୍ନିକାଣ୍ଡ ଭଳି ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଆଗୁଆ ସତର୍କ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲାପାଳ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଅଧ୍ୟକ୍ଷଙ୍କ ସହ ମେଡିକାଲ କଲେଜରେ ଡାକ୍ତରୀ ସେବା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟସେବା ପ୍ରଦାନରେ ଯେଭଳି କୌଣସି ବ୍ୟାଘାତ ନ ହୁଏ, ସେଥିପାଇଁ ପରାମର୍ଶ ଦେଇଥିଲେ। ଏହାସହ ରୋଗୀ ଏବଂ ରୋଗୀଙ୍କ ସମ୍ପର୍କୀୟଙ୍କ ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ଜିଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

# ନିଜସ୍ୱ ଗୃହ ଗଣନା ସମ୍ପର୍କିତ ସଚେତନତା ଶିବିର

**କାର୍ଯ୍ୟକ୍ରମର ସଫଳତାରେ ଜନପ୍ରତିନିଧିଙ୍କ ସହାୟତା ଜରୁରୀ**

ରସୁଲପୁର,୯।୪(ରଞ୍ଜିତ ରାଉତ):



ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ ଜନପ୍ରତିନିଧି।

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ନିଜସ୍ୱ ଗୃହ ଗଣନା ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରତ୍ୟେକ ପରିବାର ସାମିଲ ହୋଇ ସେମାନଙ୍କ ପରିବାରକୁ ପୃଥକ ଭାବରେ ପଞ୍ଜୀକରଣ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଗୃହ ଗଣନା(ସେନସସ୍) କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ଜନପ୍ରତିନିଧିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରତିନିଧିମାନେ ଗୃହ ଗଣନା ସମ୍ପର୍କରେ ଜନସଚେତନତାକୁ ବ୍ୟାପକ କରିବା ସହ ନିଜସ୍ୱ ଗୃହ ଗଣନା ପ୍ରକ୍ରିୟାରେ ଜନସାଧାରଣ ସାମିଲ ହେବାକୁନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରତ୍ୟେକ ସଚେତନ ନାଗରିକ ନିଜର ଆଣ୍ଡ୍ରୋଏଡ ମୋବାଇଲକୁ ବ୍ୟବହାରକରି ଗୃହଗଣନା କାର୍ଯ୍ୟରେ ସାମିଲ ହେବା ଦିଗରେ ଲୋକଙ୍କୁ ବୁଝାଇବା ପାଇଁ ଶିବିର ଜରିଆରେ ପରାମର୍ଶ ଦିଆଯାଇଛି। ଏହାଛଡ଼ା ସେନସସ୍ କାର୍ଯ୍ୟ ପରିଚାଳନା ଦାୟିତ୍ୱ ଶିକ୍ଷୟିତ୍ରୀଶିକ୍ଷକଙ୍କ ଉପରେ ନ୍ୟସ୍ତ କରାଯାଇଛି। ଏ ଦିଗରେ ତାଲିମପ୍ରାପ୍ତ ଗଣନାକାରୀ ଘରକୁ ଘର ଯାଇ ସର୍ଭେ କରିବେ। ଏଥିରେ ଜନସାଧାରଣ ସର୍ଭେୟରଙ୍କୁ ସହଯୋଗ କରିବା ପାଇଁ କୁହାଯାଇଛି।

ଶିବିରରେ ସମ୍ବଳ ଅଧିକାରୀ ଭାବରେ ରସୁଲପୁର ବ୍ଲକ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ସୌରଭ ପଲ ଯୋଗଦେଇ ମୋବାଇଲ ଆପକୁ ବ୍ୟବହାର କରି ଲୋକେ କିପରି ଗୃହ ଗଣନାରେ ସାମିଲ ହୋଇପାରିବେ ସେ ସମ୍ପର୍କରେ ଭିଡିଓ ଚିତ୍ର ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଏହାଛଡା ଗୃହ ଗଣନା ସମୟରେ ପ୍ରତ୍ୟେକଟି ତଥ୍ୟ ନିର୍ଭୁଲ ଭାବରେ ପ୍ରଦାନ କରିବା ସହ ଆପ୍ଲିକେଶନର ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ତାକୁ ପୁନର୍ବାର ଯାଞ୍ଚ କରି ସବ୍‌ମିଟ ଅପସନକୁ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଗୃହ ଗଣନା ଶେଷ ହେବା ପରେ ଜନଗଣନା କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ଶିବିର ଜରିଆରେ ପ୍ରକାଶ କରିଥିଲେ। ଶିବିରରେ ଯୋଗଦେଇଥିବା ଜନପ୍ରତିନିଧି କାର୍ଯ୍ୟକ୍ରମକୁ ନେଇ ରହିଥିବା ବିଭିନ୍ନ ପ୍ରଶ୍ନ ଉତ୍ଥାପନ କରିଥିଲେ। ସମ୍ବଳ ଅଧିକାରୀ ଜନପ୍ରତିନିଧିଙ୍କ ସନ୍ଦେହ ଦୂର କରିଥିଲେ। ଓଡ଼ିଶା ଜୀବିକା ମିଶନର ବ୍ଲକ ସଂଯୋଜିକା ମଧୁସ୍ମିତା ମହାନ୍ତି ଯୋଗଦେଇ ଯୁବକଙ୍କ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ଅଗ୍ନିବୀର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜନପ୍ରତିନିଧି ଏ ଦିଗରେ ଯୋଗ୍ୟମାନଙ୍କୁ ଅବଗତ କରାଇବା ସହ ୧୦ ଏପ୍ରିଲ,୨୦୨୬ ଆବେଦନର ଶେଷ ତାରିଖ ହୋଇଥିବାରୁ ସେହି ଦିନ ଅପରାହ୍ନ ୫ଟା ସୁଧା ଆବେଦନ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଏଭଳି ସୂଚନା ଆବେଦନ ଶେଷ ତାରିଖର ମାତ୍ର ଗୋଟିଏ ଦିନ ପୂର୍ବରୁ ପ୍ରତିନିଧିଙ୍କୁ କୁହାଯାଉଥିବା ଘଟଣାକୁ ସେମାନେ ତୀବ୍ର ବିରୋଧ କରିଥିଲେ। ପୂର୍ବରୁ ଅବଗତ କରାଯାଇଥିଲେ ପ୍ରତ୍ୟେକ ପଞ୍ଚାୟତରୁ ବହୁ ଯୋଗ୍ୟ ଆବେଦନକାରୀ ଆବେଦନର ସୁଯୋଗ ପାଇ ପାରିଥାଆନ୍ତେ ବୋଲି ମତପ୍ରକାଶ ପାଇଥିଲା। ଆବେଦନ ତାରିଖକୁ ଅନ୍ୟୁନ ୧୫ଦିନ ବଢ଼ାଇବା ପାଇଁ ବ୍ଲକ ପକ୍ଷରୁ ସରକାରଙ୍କୁ ଅବଗତ କରାଇବାକୁ ପରାମର୍ଶ ଦିଆଯାଇଥିଲା।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ପ୍ରୀତମ୍


@ ରାଜେଶ


@ ସନ୍ଦୀପ


@ ବାପୁ


@ ଲିପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ପୋର୍ଟ ନିଷିଦ୍ଧାଞ୍ଚଳରେ ଦୁର୍ଘଟଣା: ଘରୋଇ ସୁରକ୍ଷା କର୍ମୀ ମୃତ**

ପାରାଦୀପ,(ଶରତ ରାଉତ): ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ (ଆଇରନ ଓର ହ୍ୟାଣ୍ଡଲିଂ ପ୍ଲାଣ୍ଟ(ଆଇଓଏଚପି)ପାଖରେ ଗୁରୁବାର ରାତି ୧୦ଟାରେ ଦୁର୍ଘଟଣା ଘଟିଛି। ମାଲବାହୀ ଟିପଲର୍ ଧକ୍କାରେ ଜଣେ ଘରୋଇ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ମୃତକଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇଯାଇଛି। ରିପୋର୍ଟ ଲେଖା ହେବା ସୁଦ୍ଧା ତାଙ୍କ ପରିଚୟ ମିଳିପାରିନାହିଁ। ସମ୍ପୃକ୍ତ ସୁରକ୍ଷା କର୍ମୀ ପାଖ କ୍ୟାଣ୍ଟିନକୁ ଖାଇବାକୁ ଯାଇଥିଲେ। ସେଠାରୁ ଖାଇସାରି ଫେରିବା ବେଳେ ତାଙ୍କ ଉପରେ ଟିପଲର୍ ଚଢ଼ିଯାଇଥିଲା ବୋଲି କୁହାଯାଉଛି। ଖବର ପାଇ ଘଟଣା ସ୍ଥଳରେ ପାରାଦୀପ ଆଦର୍ଶଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ‘ଆମେ ଜାଣିବା ଆମ ବଜେଟ’ରେ ଜିଲା ବିକାଶର ଚିତ୍ର

ଜଗତ୍‌ସିଂହପୁର, ୯।୪ (ପ୍ରମୋଦ କୁମାର ନାୟକ)

ଆମେ ଜାଣିବା ଆମ ବଜେଟ। ଏଭଳି କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ଏକ ଅଭିନବ ପ୍ରୟାସ। ଏହା ମାଧ୍ୟମରେ ବଜେଟ ଜନ ସାଧାରଣଙ୍କ ପାଖରେ ଅତ୍ୟନ୍ତ ସରଳ ଭାଷାରେ ପହଞ୍ଚିପାରିବ। ଏପ୍ରିଲ ୧୪ ପର୍ଯ୍ୟନ୍ତ ପଞ୍ଚାୟତସ୍ତରୀୟ ଆମ ବଜେଟ ଅଭିଯାନ ଚାଲିବ। ଏହାକୁ ସଫଳ କରିବା ପାଇଁ ପ୍ରତ୍ୟେକଙ୍କ ସହଭାଗିତା ଦରକାର। ଗୁରୁବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ବଜେଟ କର୍ମଶାଳା ଅର୍ଥାତ୍ ଆମେ ଜାଣିବା, ଆମ ବଜେଟ କର୍ମଶାଳାରେ ବିଶିଷ୍ଟ ଅତିଥି ଭାବେ ନିର୍ମାଣ ବିଭାଗ ତଥା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଯୋଗଦେଇ ଏହା କହିଛନ୍ତି। ସେ କହିଥିଲେ ଜଗତ୍‌ସିଂହପୁର କେବଳ ଓଡ଼ିଶା ନୁହେଁ, ଭାରତ ଅର୍ଥନୈତିକ ମାନଚିତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଜିଲା। ପାରାଦୀପ ବନ୍ଦର, ଆଇଓସିଏଲ ଭଳି



ସଚେତନତା କର୍ମଶାଳାରେ ଯୋଗଦେଇଥିବା ଅତିଥି।

## ଜିଲାସ୍ତରୀୟ ବଜେଟ ସଚେତନତା କର୍ମଶାଳା

ରାଷ୍ଟ୍ରୀୟ ଉଦ୍ୟୋଗ ଯୋଗୁଁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ଜିଲା ମୁଖ୍ୟ ଭୂମିକା ନିଭାଉଛି। ଦେଶର ଭିଜନ ସହ ତାଳ ମିଳାଇ ରାଜ୍ୟ ସରକାର ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟକୁ ୧.୮ ଲକ୍ଷରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଜୀବନଧାରଣର ମାନରେ ଉନ୍ନତି ଆଣିବା, ବହୁମୁଖୀ ଦାରିଦ୍ର୍ୟକୁ ୫ ପ୍ରତିଶତକୁ ହ୍ରାସ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ମହିଳା ଶ୍ରମିକଙ୍କ ଅଂଶଗ୍ରହଣକୁ ୭୦ ପ୍ରତିଶତକୁ ବୃଦ୍ଧି ସହ ହାରାହାରି ଆୟୁଷକୁ ୮୦ ବର୍ଷରୁ ଅଧିକ କରିବା, ରକ୍ତହୀନତା ଓ ଅପପୁଷ୍ଟିକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। କେବଳ ଏତିକି ନୁହେଁ ବଜେଟ ଗରିବ, ଯୁବକ, ଅନ୍ନଦାତା ଓ ନାରୀ ସଶକ୍ତିକରଣର ବଜେଟ ବୋଲି ସଚିବ ସିଂ କହିଥିଲେ।

ଏହି ବଜେଟରେ ମୋଟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ ପୁଞ୍ଜି ବ୍ୟୟକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଚଳିତ ବର୍ଷର ବଜେଟ, ବିଗତ ବର୍ଷର ବଜେଟ ଅଟକଳଠାରୁ ୭ ପ୍ରତିଶତ ଅଧିକ। ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡର (ବିସିପିପିଆର୍) ଜିଲାରେ ଇଞ୍ଜିନିୟରିଂ ଓ ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ, ନୂତନ ଶିଳ୍ପ ଓ ଯୁବକମାନଙ୍କ ପାଇଁ ରୋଜଗାର, ପୋର୍ଟଭିତ୍ତିକ ଉନ୍ନତି, ଦକ୍ଷତା ବିକାଶ ଆଦିକୁ ଗୁରୁତ୍ୱ ଦିଆଯାଇଛି। ଜାତୀୟ ଜଳପଥ-୫, ବିଭିନ୍ନ ନୂତନ କରିଡର ଓ ପୋର୍ଟ ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାକୁ ଏକ ଶକ୍ତିଶାଳୀ ଲଜିଷ୍ଟିକ୍ସ ହବରେ ପରିଣତ କରାଯିବ। ଗ୍ରାମୀଣ ଉନ୍ନୟନ, ରୋଜଗାର ସୃଷ୍ଟି ଓ ଦାଦନ ସମସ୍ୟାର ସମାଧାନ ପାଇଁ ବିଶେଷ ପଦକ୍ଷେପ ନିଆଯାଉଛି। ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି ଓ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଭଳି ଯୋଜନା ମାଧ୍ୟମରେ ନାରୀ ସଶକ୍ତିକରଣକୁ ଶକ୍ତିଶାଳୀ କରାଯାଉଛି। ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ନୂତନ ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ ଓ ଆଇସିୟୁ ସୁବିଧା ସୃଷ୍ଟି କରାଯାଉଥିବା ସଚିବ କହିଥିଲେ। ଜିଲାପାଳ ଜେ. ସୋନାଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ଏମ୍‌ପି ବିଭୁ ତରାଇ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ ଓ ପାରାଦୀପ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରେ ବଜେଟ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ଶେଷରେ ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ପିଲ୍ଲେ ଧନ୍ୟବାଦ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ।

# ଅତିଥିଙ୍କୁ ମଞ୍ଚକୁ ଡକା ନ ଯିବାରୁ ଫେରିଗଲେ ସରପଞ୍ଚ, ସମିତି ସଭ୍ୟା

କୁଜଙ୍ଗ, ୯।୪(ମନୋଜ ପ୍ରଧାନ)

ତୈଳ ନିଗମ ପକ୍ଷରୁ କୁଜଙ୍ଗଠାରେ ଅନୁଷ୍ଠିତ ଦିବ୍ୟାଙ୍ଗ ସହାୟକ ଉପକରଣ ପ୍ରଦାନ ଉତ୍ସବ ନିମନ୍ତେ ଛପା ଯାଇଥିବା ଅତିଥି ତାଲିକାରେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ ଓ ସମିତି ସଭ୍ୟା ସସ୍ମିତା ନାୟକଙ୍କ ନାଁ ଥିଲା। ସେହି ଅନୁସାରେ ଉଭୟଙ୍କୁ ଡକାଯାଇଥିଲା। ହେଲେ ସେମାନେ ଉତ୍ସବ ସ୍ଥଳରେ ପହଞ୍ଚିବା ପରେ ବି ମଞ୍ଚକୁ ଡକାଗଲା ନାହିଁ। ଫଳରେ ସେମାନେ ଉତ୍ସବସ୍ଥଳ ଛାଡ଼ି ପଳେଇବା ସହ ପଞ୍ଚାୟତ କାର୍ଯ୍ୟାଳୟରେ ବସିଥିଲେ। ଜନ ପ୍ରତିନିଧିଙ୍କୁ ଅତିଥି ଭାବେ ଡାକି ମଞ୍ଚକୁ ଡକା ନ ଯିବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପର ମାନବ ସମ୍ବଳ ବିଭାଗ ଡିଜିଏମ୍ ବିଦ୍ୟୁତ୍ ପ୍ରକାଶ ସୁବୁଦ୍ଧିଙ୍କୁ ପଚାରିବାରେ ନିମନ୍ତ୍ରଣ କାର୍ଡରେ ନାଁ ଥିଲେ ଅତିଥିମାନେ ମଞ୍ଚରେ ବସିବା କଥା। ଯେହେତୁ ସ୍ଥାନୀୟ ଜନପ୍ରତିନିଧିଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ଜାଣିନାହାନ୍ତି, ତେଣୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏ ସମ୍ପର୍କରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କିଶୋର ମହାନ୍ତି କହିଛନ୍ତି, ବ୍ଲକ ପଡ଼ିଆରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବର୍ଷା ହେବାରୁ ମଞ୍ଚ ତଳେ ବସିଥିବା ଦିବ୍ୟାଙ୍ଗଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ଏହି କାର୍ଯ୍ୟରେ ବ୍ୟସ୍ତ ରହିବାରୁ ସରପଞ୍ଚ ଦାସ ଓ ସମିତି ସଭ୍ୟା ନାୟକଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିବାକୁ ଭୁଲିଯାଇଥିଲେ।

# ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ



ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ ଅବସରରେ ମଞ୍ଚାସୀନ ଅତିଥି।

କୁଜଙ୍ଗ,୯।୪ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକର ୧୬୪ ଜଣ ଦିବ୍ୟାଙ୍ଗଙ୍କୁ ଗୁରୁବାର ଭାରତୀୟ ତୈଳ ନିଗମ ପକ୍ଷରୁ ବିଭିନ୍ନ ସହାୟକ ଉପକରଣ ପ୍ରଦାନ କରାଯାଇଛି। କୁଜଙ୍ଗ ସୂଚନା କେନ୍ଦ୍ରରେ ବ୍ଲକ ପ୍ରଶାସନ ସହାୟତାରେ ଅନୁଷ୍ଠିତ ଏହି ଉପକରଣ ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଦିବ୍ୟାଙ୍ଗ ଭାଇ ଭଉଣୀମାନଙ୍କ ଯାତାୟାତ ଓ ଚଳପ୍ରଚଳ ନିମନ୍ତେ ବିଭିନ୍ନ ସହାୟକ ଉପକରଣ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଭାରତୀୟ ତୈଳ ନିଗମ ପାରାଦୀପ ବିଶୋଧନାଗାର ନିର୍ବାହୀ ନିର୍ଦ୍ଦେଶକ କୌଶିକ ବସୁ ଯୋଗଦେଇ ଭାରତୀୟ ତୈଳ ନିଗମ ତାର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ସହାୟତାରେ ଡାକ୍ତରଖାନା, ବିଦ୍ୟାଳୟ ଓ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାକୁ ବିଭିନ୍ନ ସହାୟତା ପ୍ରଦାନ କରାଯାଉଥିବା ବେଳେ ଏହି ସହାୟତା ଆଗକୁ ଜାରିରହିବ ବୋଲି ପ୍ରକାଶ କରିଥିଲେ। ଏହି ସହାୟତା ପ୍ରଦାନ ଉତ୍ସବରେ ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, କୁଜଙ୍ଗ ବିଡ଼ିଓ ଦୀପକ ପ୍ରସାଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହିଅବସରରେ ମନ୍ତ୍ରୀ ସମ୍ପଦ ୮୫ ଜଣଙ୍କୁ ୩ ଚକିଆ ବ୍ୟାଟେରି ଚାଳିତ ଗାଡ଼ି, ୧୦ଜଣଙ୍କୁ ବ୍ୟାଟେରି ଚାଳିତ ହୁଇଲ ଚେୟାର, ୨୬ଜଣଙ୍କୁ ପ୍ଲେନ ହୁଇଲ ଚେୟାର, ୩ଜଣଙ୍କୁ ହାତ ଚାଳିତ ୩ ଚକିଆ ଗାଡ଼ି, ୩୦ଜଣଙ୍କୁ ଶ୍ରବଣ ଯନ୍ତ୍ର ଓ ୨୦ ଦୃଷ୍ଟି ବାଧିତଙ୍କୁ ସ୍ମାର୍ଟ ବାଡ଼ି ପ୍ରଦାନ କରିଥିଲେ। ବ୍ଲକ ପ୍ରକଳ୍ପ ସଂଯୋଜକ ଜିତେନ୍ଦ୍ରିୟ ରାଉତ ସଂଯୋଜନା କରିଥିବା ବେଳେ ଅତିରିକ୍ତ ବିଡିଓ ପ୍ରଶାନ୍ତ କୁମାର ଜେନା, ଯୋଗାଣ ନିରୀକ୍ଷକ ଦୀପକ ପାତ୍ର ଓ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ ମହାନ୍ତି ସହାୟତା କରିଥିଲେ।

# ପାଣି ଜମିଥିବାରୁ ପାଦଚଲା ରାସ୍ତାରେ ଗଲେ ମନ୍ତ୍ରୀ



ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ପାରାଦୀପ ଆଇଓସିଏଲର ନିର୍ବାହୀ ନିର୍ଦ୍ଦେଶକ କୌଶିକ ବସୁ ଚଲାପଥରେ ଉତ୍ସବ ସ୍ଥଳକୁ ଯାଉଛନ୍ତି।

କୁଜଙ୍ଗ, ୮।୪ (ମନୋଜ ପ୍ରଧାନ)

ପାରାଦୀପ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ପ୍ରଦାନ ଉତ୍ସବରେ ଯୋଗଦେବା ପାଇଁ କୁଜଙ୍ଗ ଆସିଥିବା ବେଳେ ଅଦିନିଆ ବର୍ଷାରେ ବ୍ଲକ ସମ୍ମୁଖ ରାସ୍ତାରେ ପାଣି ଜମିଥିଲା। ଏଥିଯୋଗୁ ସେ ରାସ୍ତାରେ ନ ଯାଇ ବ୍ଲକ ପଡ଼ିଆ ଚତୁଃପାର୍ଶ୍ୱରେ ପ୍ରାତଃ ଭ୍ରମଣ ପାଇଁ ନିର୍ମାଣ ହୋଇଥିବା ପାଦ ଚଲାପଥରେ ଭାରତୀୟ ତୈଳ ନିଗମ ପାରାଦୀପ ତୈଳ ବିଶୋଧନାଗାର ନିର୍ବାହୀ ନିର୍ଦ୍ଦେଶକ କୌଶିକ ବସୁଙ୍କ ସହ ଉତ୍ସବସ୍ଥଳକୁ ଯାଇଥିଲେ।

# ପୂଜ୍ୟପୂଜକ ବାବା ବଳିଆଙ୍କୁ ନୀଳଚକ୍ର ପ୍ରତିଭା ସମ୍ମାନ

ରାହାମା,୯।୪ (ଶ୍ରୀକାନ୍ତ ଦାସ )

କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମା କଲେଜ ପଡ଼ିଆରେ ପୂଜ୍ୟପୂଜକ ପଦ୍ମଶ୍ରୀ ଶ୍ରୀମଦ ବାବା ବଳିଆଙ୍କ ଦ୍ୱାରା ଆୟୋଜିତ ମାନସ ଗୁରୁ ନାମାଚାର୍ଯ୍ୟ ଶ୍ରୀମଦ ବାୟା ବାବାଙ୍କ ସ୍ମୃତିରେ ନାମ ସମାବେଶ ଓ ଭାଗବତ କଥାମୃତର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ନାମାଚାର୍ଯ୍ୟ ଶ୍ରୀମଦ ବାୟାବାବାଙ୍କ କଳ୍ପତରୁ ଆଶ୍ରମ ଓ ଜାତୀୟ ମୁଖ୍ୟ ତଥା ନୀଳାଞ୍ଚଳ ମାଧୁରୀ ଆଧ୍ୟାତ୍ମିକ ପତ୍ରିକାର ସମ୍ପାଦକ ବାବାଜୀ ବିପିନ ବିହାରୀ ଦାଶ ଏହାକୁ ଆଧ୍ୟାତ୍ମିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ଜନ୍ମଦିବସରେ ଉତ୍ତରୀୟ ଓ ପୁଷ୍ପମାଲ୍ୟ ପ୍ରଦାନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ କମିଟିର ମୁଖ୍ୟ ସଂଯୋଜକ ତଥା ସମ୍ପାଦକ ଡ. ସୁନାକର ବେହେରା ଓ ଅନୁଷ୍ଠାନର ବରିଷ୍ଠ ସଦସ୍ୟମାନେ ଶ୍ରୀମଦ ବାବା ବଳିଆଙ୍କୁ ନୀଳଚକ୍ର ପ୍ରତିଭା ସମ୍ମାନ ପ୍ରଦାନ କରିବା ସହ ଉତ୍ତରୀୟ ଓ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। କଳ୍ପତରୁ ଆଶ୍ରମ ମୁଖ୍ୟ ବାବାଜୀ ବିପିନ ବିହାରୀ ଦାଶ ବାବା ବଳିଆଙ୍କୁ ନୀଳଚକ୍ର ସେବା ସମ୍ମାନ ପ୍ରଦାନ କରିବା ସହ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଏଥିସହ ମଞ୍ଚରେ ଉପସ୍ଥିତ ସମସ୍ତ ବାବାଜୀ, ବୈଷ୍ଣବ ଓ ଆଶ୍ରମର ସମସ୍ତ ଶିଷ୍ୟମାନଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବାବାଜୀ ବୈଷ୍ଣବ ଦାସ, ବାବାଜୀ ଶ୍ୟାମାନନ୍ଦ ଦାସ, ବାବାଜୀ ଲକ୍ଷ୍ମୀଧର ଦାସ, ବାବାଜୀ ଦିନଦୟାଲ ଦାସ, ବାବାଜୀ ହୃଷିକେଶ ଦାସ ଓ ବାବାଜୀ ରଘୁନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପ୍ରୀତମ୍



@ ରାଜେଶ



@ ସନ୍ଦୀପ



@ ବାପୁ



@ ଲିପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜଗନ୍ନାଥ ସଂସ୍କୃତି ସହ କୁଜଙ୍ଗ ମାଟିର ସମ୍ପର୍କ ଅତି ନିବିଡ଼



କୁଜଙ୍ଗ,୯।୪(ମନୋଜ ପ୍ରଧାନ)

## କୁଜଙ୍ଗ ମହୋତ୍ସବ ଉଦ୍‌ଘାଟିତ

ଧାନ, ପାନ ଓ ମୀନର ପ୍ରଶସ୍ତମୂଳକ କୁଜଙ୍ଗ ହେଉଛି ବୀରତ୍ୱର ମାଟି। ଷଣ୍ଢ ରାଜାଙ୍କ ବୀରତ୍ୱ ଠାରୁ ଆରମ୍ଭ କରି କୁଜଙ୍ଗର ଗାନ୍ଧୀଙ୍କ ପର୍ଯ୍ୟନ୍ତ, ଏହି ମାଟି ଅନେକ ମହାପୁରୁଷଙ୍କୁ ଜନ୍ମ ଦେଇଛି। ଜଗନ୍ନାଥ ସଂସ୍କୃତି ସହିତ କୁଜଙ୍ଗ ମାଟିର ସମ୍ପର୍କ ଅତ୍ୟନ୍ତ ନିବିଡ ବୋଲି କୁଜଙ୍ଗ ମହୋତ୍ସବ ୨୦୨୬ ଉଦ୍‌ଘାଟନୀ ଉତ୍ସବରେ ଅତିମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟ ଅତିଥିଭାବେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଏମ୍‌ପି ବିଭୁ ପ୍ରସାଦ ତରାଇ, ଅନ୍ୟତମ ସମ୍ମାନିତ ଅତିଥିଭାବେ ଜିଲାପାଳ ଜେ.ସୋନାଲ, ଏସ୍‌ପି ଅଙ୍କିତ ବର୍ମା, ମହୋତ୍ସବ କମିଟି ସଭାପତି ତଥା କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା, ସମ୍ପାଦକ ତଥା କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ପାରାଦୀପ ତୈଳ ବିଶୋଧନାଗାର ମାନବ ସମ୍ବଳ ବିଭାଗ ସାଧାରଣ ପରିଚାଳକ ଧର୍ମେଶ ଚୌଧୁରୀ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରାଜେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ କହିଥିଲେ। ଏହି ଅବସରରେ ଅତିମାନେ କହିଥିଲେ, କୁଜଙ୍ଗ ଅଞ୍ଚଳର ଗର୍ବ ଓ ଗୌରବ ମହାପ୍ରଭୁଙ୍କ ଭକ୍ତ ବିଶର ମହାନ୍ତିଙ୍କ ଭକ୍ତି ସମଗ୍ର ଦେଶରେ ସନାତନିମାନଙ୍କୁ ଆଜି ବି ଉଦ୍‌ବୁଦ୍ଧ କରେ। ସେ ଭକ୍ତିର ଯେଉଁ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ତାହାର ତୁଳନା ନାହିଁ। କୁଜଙ୍ଗ ମହୋତ୍ସବ କୁଜଙ୍ଗ ଅଞ୍ଚଳର ବିକାଶରେ ଏକ ନୂତନ ଅଧ୍ୟାୟ ଯୋଡୁଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୁଜଙ୍ଗ ମାଟିର କଳା, ସାହିତ୍ୟ, ସଂସ୍କୃତି ଏବଂ ଇତିହାସକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ସଂସ୍କୃତି ଭବନ ଓ ସ୍ଥାନୀୟ ଅଞ୍ଚଳରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ଷ୍ଟାଡିୟମ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଅନ୍ୟପଟେ ଭାରତୀୟ ତୈଳ ନିଗମ ସହାୟତାରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅତ୍ୟାଧୁନିକ ଓ ଉନ୍ନତ କରିବା ପାଇଁ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ତୈଳ ବିଶୋଧନାଗାର ଅଧିକାରୀ ଚୌଧୁରୀ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପାଣିଗ୍ରାହୀଙ୍କ ମଧ୍ୟରେ ଏହି ବୁଝାମଣାପତ୍ର ଅଦଳ ବଦଳ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଗରମରେ ହନ୍ତସନ୍ତ ହେଉଛନ୍ତି ଛାତ୍ରୀଛାତ୍ର

## ଖଇରାବସ୍ତ ପ୍ରାଥମିକ ବିଦ୍ୟାଳୟ
### ୧ ମାସ ହେବ ବିଦ୍ୟାଳୟରୁ ବିଦ୍ୟୁତ୍ ସେବା ବିଚ୍ଛିନ୍ନ

ନାଉଗାଁ,୯।୪(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଖଇରାବସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢ଼ନ୍ତି। ଏହି ବିଦ୍ୟାଳୟକୁ ୨୦୧୯ ସାଧାରଣ ନିର୍ବାଚନ ସମୟରେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ୧ ମାସେ ପୂର୍ବେ ବିଦ୍ୟାଳୟରୁ ବିଦ୍ୟୁତ୍ ସେବା ବିଚ୍ଛିନ୍ନ କରାଯାଇଛି।

କାହା ନିର୍ଦ୍ଦେଶରେ ଏହି ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା, ତାହା ସ୍ପଷ୍ଟ ହୋଇ ନଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଦାଶଙ୍କ କହିବା ମୁତାବକ, ସେ ବିଦ୍ୟାଳୟରେ ଯୋଗ ଦେବା ପୂର୍ବରୁ ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ପ୍ରତି ମାସରେ ବିଦ୍ୟୁତ୍ କର୍ମଚାରୀ ଆସି ମିଟର ଫଟୋ ଉଠାଇ ନିଅନ୍ତି, କିନ୍ତୁ କୌଣସି ବିଦ୍ୟୁତ୍ ବିଲ ପ୍ରଦାନ କରନ୍ତି ନାହିଁ। ଫଳରେ ସେମାନେ ବିଦ୍ୟୁତ ବିଲ୍ ଦେଇପାରନ୍ତି ନାହିଁ। ବିଲ୍ ସଂପର୍କରେ ବିଦ୍ୟୁତ୍ କାର୍ଯ୍ୟାଳୟରୁ ମଧ୍ୟ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। କିନ୍ତୁ ମାର୍ଚ୍ଚ ୧୦ରେ ହଠାତ ବିଦ୍ୟୁତ୍ ବିଭାଗର କେତେଜଣ କର୍ମଚାରୀ ବିଦ୍ୟାଳୟକୁ ଆସି ଏକ ନୋଟିସ ପ୍ରଦାନ କରି ବିଦ୍ୟାଳୟରେ ବେଆଇନ ଭାବେ ବିଦ୍ୟୁତ୍ ସଂଯୋଗ ହୋଇଥିବା ଦର୍ଶାଇଥିଲେ। ଏହାପରେ ବିଭାଗ ପକ୍ଷରୁ ବିଦ୍ୟାଳୟରୁ ବିଦ୍ୟୁତ୍ ସେବା ବିଚ୍ଛିନ୍ନ କରାଯାଇଛି। ବିଦ୍ୟାଳୟ ପକ୍ଷରୁ ବେଆଇନ ଭାବେ ବିଦ୍ୟୁତ୍ ସଂଯୋଗ ନିଆଯାଇ ବିଦ୍ୟୁତ୍ ବ୍ୟବହାର କରାଯାଇଥିବାରୁ ବିତରଣ କମ୍ପାନୀ ପକ୍ଷରୁ ପାଖାପାଖି ୧ ଲକ୍ଷ ୧୮ ହଜାର ଟଙ୍କା ଜୋରିମାନା ବିଦ୍ୟାଳୟ ନାମରେ କରାଯାଇଛି। ଏହି ମାମଲା ଲୋକ ଅଦାଲତରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ଦାଶ କହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପ୍ରତ୍ୟେକ ବିଦ୍ୟାଳୟକୁ ଆସୁଥିବା କମ୍ପୋଜିଟ ଗ୍ରାଣ୍ଟରୁ ମାସିକ ବିଦ୍ୟୁତ୍ ବିଲ ପୈଠ କରାଯାଏ। ବର୍ତ୍ତମାନ ଉକ୍ତ ବିଦ୍ୟାଳୟକୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜୋରିମାନା ହୋଇଥିବା ବେଳେ ତାହା କିପରି ଭରଣା କରାଯିବ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ବିଦ୍ୟାଳୟରେ ଫ୍ୟାନର ଆବଶ୍ୟକତା ରହିଛି। ମାତ୍ର ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହେବା ଯୋଗୁ ପିଲାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ଏହି ବିଦ୍ୟାଳୟକୁ ଦୀର୍ଘ ୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ମିଟର ଲଗାଯାଇ ବିଦ୍ୟୁତ୍ ସଂଯୋଗ କରାଯିବା ସହ ବିଦ୍ୟୁତ୍ ବ୍ୟବହାର ହେଉଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ କିପରି ଜାଣିପାରିଲା ନାହିଁ, ତାହା ତଦନ୍ତସାପେକ୍ଷ।





ଏ ସମ୍ପର୍କରେ ନାଉଗାଁ ସେକ୍ସନର କନିଷ୍ଠ ଯନ୍ତ୍ରୀ ତାପସ ବେହେରାଙ୍କୁ ପଚାରିବାରୁ ବିଦ୍ୟାଳୟରେ ବେଆଇନ ଭାବେ ବିଦ୍ୟୁତ୍ ସଂଯୋଗ କରାଯାଇ ବିଦ୍ୟୁତ୍ ବ୍ୟବହାର କରାଯାଉଥିବାରୁ ବିଦ୍ୟୁତ ବିଚ୍ଛିନ୍ନ କରାଯାଇଥିବା କହିଥିଲେ। ଜିଲା ପ୍ରଶାସନ ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ସାମାଜିକ କର୍ମୀ ସୁବ୍ରତ ରାୟ, ଅଭିଭାବକ ଦେବଦର୍ଶୀ ରାୟ, ଅଭିଜିତ ରାୟ, ଦେବାଶିଷ ରାୟ ପ୍ରମୁଖ ଦାବି କରିଛନ୍ତି।

# ଛେନାପୋଡ଼ କାରିଗରଙ୍କୁ ନେଇ ବିବାଦ

ନୟାଗଡ଼,୯।୪(ଲୋକନାଥ ମିଶ୍ର)

ଛେନାପୋଡ କାରିଗରଙ୍କୁ ନେଇ ବାପା ବିଦ୍ୟାଧର ସାହୁ ଓ ପୁଅ ସୁଦର୍ଶନ ସାହୁଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ବାପ ଓ ପୁଅ ଜୀବିତ ନ ଥିବା ବେଳେ ସମ୍ପର୍କୀୟଙ୍କ ଲଢ଼େଇ ଜିଆଇ ଟ୍ୟାଗ୍‌ର ମାନ୍ୟତାକୁ ଶୀତଳ ଭଣ୍ଡାରରେ ପକାଇ ଦେଇଛି। ଛେନାପୋଡର ତଥ୍ୟ ଓ ସତ୍ୟ ବିକୃତ ନ ହେଉ ଅନେକ କହୁଥିବାବେଳେ ଏପ୍ରିଲ ୧୧ ଓ ଡିସେମ୍ବର ୩୧ରେ ବିଶ୍ୱ ଛେନାପୋଡ ଦିବସ ପାଳନ ହେଉଛି। ତେବେ ଏପ୍ରିଲ ୧୧ରେ ଛେନାପୋଡ ଦିବସର ପାଳନକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଓ ସମାଲୋଚନା ଜୋର ଧରିଛି।

## ତଥ୍ୟ, ସତ୍ୟ ବିକୃତ କରା ନ ଯାଉ

ଜିଆଇ ଗବେଷିକା ଡ. ଅନୀତା ସାବତ କୁହନ୍ତି, ଛେନାପୋଡର ପ୍ରକୃତ ସ୍ରଷ୍ଟା, କେଉଁଠାରୁ ଛେନାପୋଡର ଉତ୍ପତ୍ତି ହେଇଛି ତାହା ଜିଆଇ ଟ୍ୟାଗ୍‌ରେ ରହୁ। ଭୁଲ୍ ତଥ୍ୟ ଦିଆଯିବା ଦ୍ୱାରା ତଥ୍ୟ ସତ୍ୟର ବିକୃତ ହେଲା ପରି ଲାଗୁଛି। ଇତିହାସକୁ କଦର୍ଯ୍ୟ କରା ନ ଯାଉ। ୨୦୨୨ ଏପ୍ରିଲ ୧୧ରେ ଛେନାପୋଡ ଦିବସ ପାଳନ କଲାବେଳେ ମୁଁ ଏଥିରେ ସାମିଲ ଥିଲି। ହେଲେ କେବଳ ପୁଅ ସୁଦର୍ଶନ ସାହୁଙ୍କ ନାଁ ରହିବା ପରେ ପ୍ରତିବାଦ କରିଥିଲି। ଛେନାପୋଡ କାରିଗର ବାପା ବିଦ୍ୟାଧର ସାହୁ ଓ ମା’ ଜେମାମଣିଙ୍କ ନାଁ ନ ରହିବା, ଛେନାପୋଡର ଉତ୍ପତ୍ତି ସ୍ଥଳ ଦଶପଲ୍ଲାର ନାଁ ରହିବା ଜାଣିବା ପରେ ପ୍ରକୃତ ସତ୍ୟ ଲୋକ ଲୋଚନକୁ ଆଣିବା ପାଇଁ ଉଦ୍ୟମ ଜାରି ରଖିଛି। ଭୁଲ୍ ତଥ୍ୟକୁ କାଟି ଠିକ୍ ତଥ୍ୟ କିପରି ଜିଆଇ ଟ୍ୟାଗ ଆବେଦନରେ ସଂଶୋଧନ କରାଯାଇ ରଖାଯାଇ ପାରିବ ସେନେଇ ଉଦ୍ୟମ ଜାରି ରଖିଛୁ। ଦଶପଲ୍ଲା ଛେନାପୋଡର ଉତ୍ପତ୍ତି ସ୍ଥଳ ବୋଲି ଅନେକ ପ୍ରମାଣ ରହିଛି। ରସଗୋଲାର ଠିକ୍ ତଥ୍ୟ ସଂଶୋଧନ ହେଲା ପରି ଛେନାପୋଡର ସଂଶୋଧନ କରାଯିବା ଦରକାର। ସରକାରଙ୍କର ଏକ ଟିମ୍ ଆସି ଦଶପଲ୍ଲା ଛେନାପୋଡ ସମ୍ପର୍କରେ ତଥ୍ୟ ସଂଗ୍ରହ କରନ୍ତୁ ବୋଲି କହିଥିଲେ।

## ଡିସେମ୍ବର ୩୧ରେ ପାଳନ ହେଉ ଦିବସ

ବିଦ୍ୟାଧର ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ଟ୍ରଷ୍ଟି ସୁରେଶ ମିଶ୍ର କୁହନ୍ତି, ପୋଡପିଠାର ଅନ୍ତୁଡିଶାଳ ଦଶପଲ୍ଲା। ବିଦ୍ୟାଧର ଛେନାପୋଡ କାରିଗର ଥିବାବେଳେ ସ୍ତ୍ରୀ ଜେମାମଣି ହେଉଛନ୍ତି ସହଯୋଗୀ। ହେଲେ ପୁଅକୁ ସ୍ରଷ୍ଟା କହି ପୁଅ ନାଁରେ ଦିବସ ପାଳନ କରିବା ଦ୍ୱାରା ସତ୍ୟ ଲୁଚି ଯାଇଛି। ଡିସେମ୍ବର ୩୧ ବିଦ୍ୟାଧରଙ୍କ ତିରୋଧାନ ଦିବସରେ ଛେନାପୋଡ ଦିବସ ପାଳନ କରାଯାଉଛି। ଏହାକୁ ସରକାର ସ୍ୱୀକୃତି ଦେଇ

## ଜିଆଇ ଟ୍ୟାଗ୍ ମାନ୍ୟତା ମିଳିବାରେ ବିଳମ୍ବ



ଛେନାପୋଡ ଦିବସ ଏପ୍ରିଲ ୧୧ ବଦଳରେ ଡିସେମ୍ବର ୩୧ରେ ପାଳନ କରାଯାଉ। ଛେନାପୋଡ ସମ୍ପର୍କରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ। ସରକାରଙ୍କ ତରଫରୁ ଏହାର ତଦନ୍ତ ଚାଲୁ ରହିଛି ବୋଲି କୁହାଯାଇଥିଲା। ଆମର ଦାବି ଛେନାପୋଡର ପ୍ରକୃତ କାରିଗର ଓ ଯେଉଁଠାରେ ଛେନାପୋଡ ପ୍ରଥମେ ସୃଷ୍ଟି ହୋଇଥିଲା ତାକୁ ଅଣଦେଖା କରା ନ ଯାଇ ଭୁଲ୍ ସଂଶୋଧନ କରାଯାଇ ଜିଆଇ ଟ୍ୟାଗ୍ ମାନ୍ୟତା ଦିଆଯାଉ ବୋଲି କହିଛନ୍ତି।

## ଦିବସର ତାରିଖ, ନୟାଗଡ଼ର ନାଁ ବଦଳା ନ ଯାଉ

ନୟାଗଡ଼ ବିକାଶ ମଞ୍ଚ ଆବାହକ ଲେଖକ ଶୁଭ୍ରାଂଶୁ ପଣ୍ଡା କୁହନ୍ତି, ଛେନାପୋଡ ହେଉଛି ନୟାଗଡ଼ର, ଆଉ ଏପ୍ରିଲ ୧୧ରେ ପାଳନ ହେଉଥିବା ଛେନାପୋଡ ଦିବସକୁ ବଦଳା ନ ଯାଉ। ଛେନାପୋଡକୁ ଜିଆଇ ଟ୍ୟାଗ ମିଳୁ। ଏହାର ପ୍ରଚାର ଓ ପ୍ରଚାର ପ୍ରସାର ହେଉ। ଦିବସ ପାଳନର ତାରିଖକୁ ନେଇ କୌଣସି ବିବାଦ କରା ନ ଯାଉ। ଛେନାପୋଡ ବାପା ବିଦ୍ୟାଧର ସାହୁଙ୍କର ସୃଷ୍ଟି, ପୁଅ ସୁଦର୍ଶନ ସାହୁଙ୍କର ସହଯୋଗ ଥିଲା ବୋଲି ସମସ୍ତେ ଜାଣନ୍ତି। ପୁତ୍ର ସୁଦର୍ଶନ ଛେନାପୋଡକୁ ସୁଦୂରପ୍ରସାରୀ କରିଥିଲେ। ପୁତ୍ରଙ୍କର ଜନ୍ମ ଦିବସକୁ ଛେନାପୋଡ ଦିବସ ଭାବେ ପାଳନ କଲାବେଳେ ଆମେ ଆଦୌ ବାପାଙ୍କୁ ଅଣଦେଖା କରୁ ନାହୁଁ। ଯେଉଁମାନେ ଆମ ସହ ମିଶ ଏପ୍ରିଲ ୧୧ରେ ଛୋନାପୋଡ ଦିବସ ପାଳନ କରୁଥିଲେ ହଠାତ୍ ୧୬ ମାସ ପରେ ଭିନ୍ନ ଏକ ଦିବସରେ ଅନ୍ୟ ଏକ ଛେନାପୋଡ ଦିବସ ପାଳନ କରୁଛନ୍ତି। ଦୁଇ ଦୁଇଟା ଛେନାପୋଡ ଦିବସ ପାଳନ କେବଳ ବିବାଦ ସୃଷ୍ଟି କରିବାରୁ ଜିଆଇ ଟ୍ୟାଗ୍ ମିଳିବାରେ ବିଳମ୍ବ ହେଉଛି। ଜିଆଇ ଟ୍ୟାଗ୍ ସରକାର ଆବେଦନ କରନ୍ତି। ଆମେ କେବଳ ତଥ୍ୟ ଦେଉ। ଯଦି କୌଣସି ତଥ୍ୟ ଊଣା ଅଛି ବା ସ୍ଥାନିତ ହୋଇ ପାରି ନାହିଁ ଅଥବା କିଛି ଇତିହାସ ସ୍ଥାନ ପାଇପାରି ନାହିଁ ସେଥିରେ ଯୋଡାଯାଉ ଆମର କିଛି ପ୍ରତିବାଦ କରିବାର ନାହିଁ। ତେବେ ଛେନାପୋଡ ଦିବସକୁ ନେଇ ଭ୍ରାନ୍ତି ଓ ବିବାଦ କରା ନ ଯାଉ ବୋଲି କହିଥିଲେ।

## ଓଡ଼ିଶାର ଅସ୍ମିତା ଅଣଦେଖା ନ ହେଉ

ସାମାଜିକ କର୍ମୀ ଶାନ୍ତନୁ ବିଶୋଇ ଓ ଶ୍ରୀଧର ପ୍ରଧାନ, ଆଇନଜୀବୀ ଚନ୍ଦ୍ର ବିଜୟୀ ମିଶ୍ର କୁହନ୍ତି, ଓଡ଼ିଶାର ଅସ୍ମିତା ହେଉଛି ନୟାଗଡ଼ର ଛେନାପୋଡ। ଏହା କେବଳ ଓଡ଼ିଶାରେ ସୀମିତ ନ ରହି ଭାରତ ଓ ବାହାରେ ପ୍ରଚାରପ୍ରସାର ହୋଇ ସାରିଛି। ତେବେ ଛେନାପୋଡ କାରିଗରଙ୍କୁ ନେଇ ବିବାଦ କରା ନ ଯାଉ। ପ୍ରଚାରକ ଭାବେ ପୁଅ ସୁଦର୍ଶନ ସାହୁ ଓ କାରିଗର ଭାବେ ବିଦ୍ୟାଧର ସାହୁ, ଦଶପଲ୍ଲାର ଜରିପାଟଣାରୁ ଉତ୍ପତ୍ତି ଓ ନୟାଗଡ଼ର ଗର୍ବ ଗୌରବ ଭାବେ ଛେନାପୋଡକୁ ରଖାଯାଉ। ଛେନାପୋଡର ପ୍ରଚାର ଓ ପ୍ରସାର ପାଇଁ ପୁଅ ସୁଦର୍ଶନ ସାହୁ ଓ ଆସ କିଏ ଖାଇବ ନୟାଗଡ଼ ଛେନାପୋଡ ସଙ୍ଗୀତର କଣ୍ଠଶିଳ୍ପୀ ତାନସେନ୍ ସିଂ, ଗୀତିକାର ଶିବ ପ୍ରସାଦ ଦାସଙ୍କୁ ଧନ୍ୟବାଦ। ଏପ୍ରିଲ ୧୧ ପରିବର୍ତ୍ତେ ଡିସେମ୍ବର ୩୧ରୁ ଛେନପୋଡ ଦିବସ ଭାବେ ପାଳନ କରାଯାଉ ବୋଲି କହିଛନ୍ତି।

# ୩୮ ସିଲିଣ୍ଡର ଜବତ



ଜବତ ସିଲିଣ୍ଡର।

ନୟାଗଡ଼,୯।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଯୋଗାଣ ବିଭାଗ ପକ୍ଷରୁ ୨ୟ ପର୍ଯ୍ୟାୟରେ ନୟାଗଡ଼ ବ୍ଲକ ଓ ମ୍ୟୁନିସିପାଲିଟିର ବଜାରର ହୋଟେଲ, ଢ଼ାବା, ଦୋକାନ ଉପରେ ଗୁରୁବାର ଚଢ଼ାଉ କରାଯାଇ ୩୮ ଘରୋଇ ସିଲିଣ୍ଡର ଜବତ କରାଯାଇଛି। ଚଢ଼ାଉରେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ତିଳୋତ୍ତମା ପ୍ରଧାନ, ରଞ୍ଜିତା ବିଶ୍ୱାଳ ଓ ପ୍ରଭଞ୍ଜନ ମହାନ୍ତି, ତହସିଲଦାର ରାଜେଶ କୁମାର ସ୍ୱାଇଁ, ଜିଲାର ପ୍ରତି ବ୍ଲକ ଯୋଗାଣ ଅଧିକାରୀ ସାମିଲ ଥିଲେ।

ପ୍ରକାଶଯେ, ନୟାଗଡ଼ ଜିଲାରେ ଢ଼ଗ୍ୟାସ କଳାବଜାରୀ ଲାଗି ରହିଛି। ଘରୋଇ ଗ୍ୟାସ ସିଲିଣ୍ଡର ୨ରୁ ୩ ହଜାର ଟଙ୍କାରେ ବିକ୍ରି ହେଉଥିବାର ଅଭିଯୋଗ ହୋଇ ଆସୁଛି। ଏଭଳିସ୍ଥଳେ ଜିଲା ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉକୁ ତ୍ୱରାନ୍ୱିତ କରାଯିବା ଦରକାର। ଜିଲା ଯୋଗାଣ ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ଜିଲାରେ ୨୫ ଗ୍ୟାସ ଏଜେନ୍ସି ଅଛି। ଗୁରୁବାର ସକାଳ ସୁଦ୍ଧା ୧୪.୨ କେଜି ଘରୋଇ ଗ୍ୟାସ ୫୬୪୧ ଓ ୧୯ କେଜି ବ୍ୟବସାୟିକ ସିଲିଣ୍ଡର ୨୮୬ଟା ଗଚ୍ଛିତ ଥିଲା ଜଣାପଡିଛି। ଅନ୍ୟପକ୍ଷରେ ଗଣିଆରେ ଆଦୌ ଗ୍ୟାସ ଏଜେନ୍ସି ନ ଥିବା ଜଣାପଡିଛି।

## ଛେନାପୋଡ଼କୁ ଜିଆଇ ଟ୍ୟାଗ ମାନ୍ୟତା ପାଇ ସ୍ମାରକପତ୍ର

ନୟାଗଡ଼,୯।୪(ଲୋକନାଥ ମିଶ୍ର)

ଏପ୍ରିଲ ୧୧ରେ ବିଶ୍ୱ ଛେନାପୋଡ ଦିବସ ପାଳନ କରିବା ଓ ଛେନାପୋଡକୁ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ପାଇଁ ସୁକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମଧୁମିତା ରଥଙ୍କୁ ବୁଧବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ନୟାଗଡ଼ ଛେନାପୋଡ ସ୍ରଷ୍ଟା ସ୍ୱର୍ଗତ ସୁଦର୍ଶନ ସାହୁଙ୍କ ଜନ୍ମ ଜୟନ୍ତୀ ଏପ୍ରିଲ ୧୧କୁ ବିଶ୍ୱ ଛେନାପୋଡ ଦିବସ ରୂପେ ପାଳନ କରାଯାଉ ବୋଲି ନୟାଗଡ଼ କଚେରୀ ବଜାର ବ୍ୟବସାୟୀ ସଂଘ ସଭାପତି ପ୍ରଭାତ କୁମାର ଷଡଙ୍ଗୀ, ଉପସଭାପତି ସୁନିଲ କୁମାର ଶତପଥି, ସମ୍ପାଦକ ରଘୁନାଥ ସାହୁ, କୋଷାଧ୍ୟକ୍ଷ ପ୍ରକାଶ କୁମାର ଦୋରାଙ୍କ ସମେତ ସଦସ୍ୟମାନେ ଜିଲାପାଳଙ୍କୁ ଭେଟିଥିଲେ ।

## ନୂଆଗାଁରେ ସଙ୍ଗୀତଧାରା ଭକ୍ତି ସଙ୍ଗୀତ ପ୍ରତିଯୋଗିତା

ନୟାଗଡ଼,୯।୪(ଲୋକନାଥ ମିଶ୍ର)

ସଙ୍ଗୀତଧାରା ନୟାଗଡ଼ ପକ୍ଷରୁ ଆୟୋଜିତ ସିଜନ-୩ ଭକ୍ତି ସଙ୍ଗୀତ ପ୍ରତିଯୋଗିତାର ନୂଆଗାଁ ବ୍ଲକ ଅଡିଶନ ଚଳିତ ମାସ ୧୧ ତାରିଖରେ ନୂଆଗାଁ ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏ ନେଇ ସଙ୍ଗୀତଧାରା ସମ୍ପାଦକ ତଥା କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଜିଲାରେ ଥିବା ଲୁକ୍କାୟିତ ସଙ୍ଗୀତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ‘ସଙ୍ଗୀତଧାରା’, ନୟାଗଡ଼ ପକ୍ଷରୁ ଜିଲାସ୍ତରୀୟ ଭକ୍ତିସଙ୍ଗୀତ ପ୍ରତିଯୋଗିତା ଜିଲାର ସମସ୍ତ ବ୍ଲକରେ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ରବିବାର ପୂର୍ବାହ୍ନ ୧୦.୩୦ଟାରେ ବିନା ବାଦ୍ୟଯନ୍ତ୍ରରେ ପ୍ରତିଯୋଗୀମାନଙ୍କ ଅଡିଶନ ନିଆଯିବ। ୧୪ରୁ ୨୪ବର୍ଷ ବୟସର ଉଭୟ ଝିଅ ପୁଅ ଏହି ପ୍ରତିଯୋଗିତାରେ ଭାଗ ନେଇ ପାରିବେ। ପ୍ରତିଯୋଗୀମାନେ ସକାଳ ୧୦.୩୦ଟାରେ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚି ନାମ ପଞ୍ଜୀକରଣ କରିବେ। ସଙ୍ଗୀତଧାରା ନିଷ୍ପତ୍ତି ଅନୁଯାୟୀ ଚୂଡାନ୍ତ ପର୍ଯ୍ୟାୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ‘ନୟାଗଡ଼ ସଙ୍ଗୀତ କଲ୍ଲୋଳ’ ଉପାଧି ସହିତ ନଗଦ ୧୧ ହଜାର ଟଙ୍କା ପୁରସ୍କାର ଅର୍ଥରାଶି ଏବଂ ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୫ ହଜାର ଏବଂ ୩ ହଜାର ଅର୍ଥରାଶି ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

# ନୟାଗଡ଼ ମ୍ୟୁନିସିପାଲିଟିରେ ଟେଣ୍ଡର ଫିକ୍ସିଂ

## ଜିଲାପାଳଙ୍କୁ ଫେରାଦ ହେଲା କଂଗ୍ରେସ

ନୟାଗଡ଼,୯।୪(ଲୋକନାଥ ମିଶ୍ର)

ନୟାଗଡ଼ ମ୍ୟୁନିସିପାଲିଟିରେ ୩୨ ଠିକାଦାରୀ କାର୍ଯ୍ୟରେ ଟେଣ୍ଡର ଫିକ୍ସିଂ କରାଯାଇଥିବା ଗୁରୁବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଜିଲା କଂଗ୍ରେସ ଓ ଦେଉଳପଲ୍ଲୀର ଜଣେ ବ୍ୟକ୍ତି ଏଭଳି ଅଭିଯୋଗ ଆଣି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏନେଇ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କୁହନ୍ତି, ନୟାଗଡ଼ ମ୍ୟୁନିସିପାଲିଟିରେ ୩୨ ଠିକା କାର୍ଯ୍ୟ ପାଇଁ ଅନ୍‌ଲାଇନ୍ ଟେଣ୍ଡର ଆବେଦନ ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ତେବେ ଅନଲାଇନ ବିଡିଂ ପରେ ଅଫଲାଇନ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଯାହାକି ଓପିଡବ୍ଲ୍ୟୁଡି ନିୟମକୁ ଉଲ୍ଲଂଘନ କରୁଛି। ତେବେ ନୀତି ନିୟମକୁ ଅଣଦେଖା କରି ଗୁରୁବାର ଲଟେରୀ କରାଯାଇ ଜଣେ ଜଣେ ଠିକାଦାରଙ୍କୁ ଏକାଧିକ କାର୍ଯ୍ୟ ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇଥିବା ଠିକାଦାରମାନଙ୍କୁ ସେମାନଙ୍କ ଅନିଚ୍ଛା ସତ୍ତ୍ୱେ ଲଟେରୀ ଚୟନରୁ ପୁଣି ବାଦ୍ ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ଟେଣ୍ଡର ଫିକ୍ସିଂ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ମୋବାଇଲ ୯୪୩୮୩ ୩୫୧୫୦ କୁ ଯୋଗାଯୋଗ କରାଯାଇଥିଲା, ହେଲେ ସେ ଫୋନ ଉଠାଇ ନ ଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ପ୍ରୀତମ୍



@ ରାଜେଶ



@ ସନ୍ଦୀପ



@ ବାପୁ



@ ଲିପୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭାଜପା ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ

ଓଡ଼ଗାଁ, ୯।୪(ନାରାୟଣ ପାଣିଗ୍ରାହୀ)

ନନ୍ଦିଘୋର କଲ୍ୟାଣ ମଣ୍ଡପଠାରେ ଗୁରୁବାର ଭାଜପା ତରଫରୁ ଓଡ଼ଗାଁ ଗ୍ରାମୀଣ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ଗାଁ ଗ୍ରାମୀଣ ୨ୟ ମଣ୍ଡଳ ସଭାପତି କେଶବ ଚନ୍ଦ୍ର ପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସର୍ବ ପ୍ରଥମେ ଦିନଦୟାଲ ଉପାଧ୍ୟାୟ ଓ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ନୟାଗଡ଼ ଜିଲା ଭାଜପା ଉପ ସଭାପତି ମାଧବ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବରିଷ୍ଠ କାର୍ଯ୍ୟକର୍ତ୍ତା ନସୀର ଅହମ୍ମଦ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାଜପା ନୟାଗଡ଼ ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ସ୍ୱାଇଁ, ରଶ୍ମିରଞ୍ଜନ ସାହୁ, ମଣ୍ଡଳ ସଭାପତି ନୟାଗଡ଼ ମୁନିସିପାଲଟି ରାଜକିଶୋର ପ୍ରଧାନ, ଜିଲା ପ୍ରତିନିଧି ଟିଙ୍କିନା ଗୌଡ଼, ଜିଲା ମହିଳା ସମ୍ପାଦିକା ପ୍ରଭାକର ବେହେରା, ମଣ୍ଡଳ ସଭାପତି, କୋମଣ୍ଡ, ଲକ୍ଷ୍ମୀ ରାଉତ, ମହିଳା ମୋର୍ଚ୍ଚା ସଭାନେତ୍ରୀ, ଓଡ଼ଗାଁ ମଣ୍ଡଳ ଓ ମାଧବ ସାହୁ ଆସୋସିଏଟ ସଭାପତି କୋମଣ୍ଡ ଉପସ୍ଥିତ ଥିଲେ। ନୟାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨୪୭ ଭୋଟଗ୍ରହଣ କେନ୍ଦ୍ରରେ କିପରି ଶାନ୍ତିଶୃଙ୍ଖଳାର ସହିତ ସମସ୍ତ ଭୋଟରମାନେ ନିର୍ଭୟରେ ଯାଇ ମତଦାନ ସାବ୍ୟସ୍ତ କରିବେ ସେଥିପ୍ରତି ସମସ୍ତେ ସଜାଗ ରହିବାକୁ ନସୀର ଅହମ୍ମଦ ସମସ୍ତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ସମ୍ପାଦକ ସ୍ୱାଇଁ କହିଛନ୍ତି, ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ବିଚାରଧାରାକୁ ପାଥେୟ କରି ଦଳ ଗଢା ଯାଇଥିଲା। ତେଣୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ଆଗେଇ ଚାଲିବା। ଆଗକୁ ପଞ୍ଚାୟତ ନିର୍ବାଚନ ତେଣୁ ସମସ୍ତେ ମିଳିମିଶି ପ୍ରତି ୱାର୍ଡରେ ୧୦ ଜଣିଆ କମିଟି ଗଠନ କରିବା ସହିତ ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀ ମା’ ମାନଙ୍କ ସହିତ ଯୋଗାଯୋଗ ରକ୍ଷା କରି ସଂଗଠନକୁ ତୃଣମୂଳସ୍ତରରୁ ଅଧିକ ମଜଭୁତ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଭାଜପା କର୍ମକର୍ତ୍ତା ।

# ଖଣ୍ଡପଡ଼ାକୁ ରାଜସ୍ୱ ଉପଖଣ୍ଡର ମାନ୍ୟତା ନେଇ ତହସିଲଦାରଙ୍କୁ ଦାବିପତ୍ର

ଖଣ୍ଡପଡ଼ା, ୯।୪(ଅଜୟ କୁମାର ମହାରଣା)

ରାଜସ୍ୱ ଉପଖଣ୍ଡର ମାନ୍ୟତା ପ୍ରଦାନ ନେଇ ଅଞ୍ଚଳବାସୀ ଦୀର୍ଘ ବର୍ଷ ଧରି ଦାବିକରି ଆସୁଥିଲେ ହେଁ ପ୍ରଶାସନିକ ଉଦାସୀନତା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ତାହା ସମ୍ଭବ ହୋଇ ପାରିନାହିଁ। ଏ ପରିପ୍ରେକ୍ଷୀରେ ଖଣ୍ଡପଡ଼ାକୁ ରାଜସ୍ୱ ଉପଖଣ୍ଡର ମାନ୍ୟତା ପ୍ରଦାନ ଦାବି ନେଇ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖଣ୍ଡପଡ଼ା ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀଙ୍କୁ ଗୁରୁବାର ପ୍ରଦାନ କରାଯାଇଥିବା ଜଣାଯାଇଛି। ଭାରତୀୟ ବିକାଶ ପରିଷଦ ରାଜ୍ୟ ସଭାପତି ସୁରେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ପରିଷଦ ରାଜ୍ୟ ଉପ ସଭାପତି ନିରଞ୍ଜନ ଦାସ, ରାଜ୍ୟ ଯୁବ ସଭାନେତ୍ରୀ ସୁନୀତା ପଟ୍ଟନାୟକଙ୍କ ସମେତ ଖଣ୍ଡପଡ଼ା ସହରର ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧିମାନେ ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ଦିଗରୁ ଖଣ୍ଡପଡ଼ା ରାଜସ୍ୱ ଉପଖଣ୍ଡର ମାନ୍ୟତା ପାଇବା ପାଇଁ କିଭଳି ହକ୍‌ଦାର ସେ ସମ୍ପର୍କରେ ଭାରତୀୟ ବିକାଶ ପରିଷଦ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲା। ପ୍ରକାଶ ଯେ, ନୟାଗଡ଼ ଜିଲାର ପ୍ରଥମ ଏନ୍‌ଏସି ଭାବେ ଖଣ୍ଡପଡ଼ା ୧୯୮୯ରେ ମାନ୍ୟତା ପାଇଥିଲା। ମାତ୍ର ଦୀର୍ଘ ୩୬ ବର୍ଷ ପରେ ମଧ୍ୟ ଖଣ୍ଡପଡ଼ା ସବ୍ ଡିଭିଜନର ମାନ୍ୟତା ପାଇ ପାରିଲା ନାହିଁ। ତେଣୁ ଏଥିପ୍ରତି ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ସମେତ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପ୍ରମୁଖ ଶାସନ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର କଟକ ଦୃଷ୍ଟି ଦେବାକୁ ଭାରତୀୟ ବିକାଶ ପରିଷଦ ଦାବି କରିଛି। ଆସନ୍ତା ୧ ମାସ ମଧ୍ୟରେ ରାଜ୍ୟ ସରକାର ସେଥିପ୍ରତି ଦୃଷ୍ଟି ଦେଇ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ନଚେତ ଖଣ୍ଡପଡ଼ାକୁ ରାଜସ୍ୱ ଉପଖଣ୍ଡର ମାନ୍ୟତା ଦାବିରେ ଭାରତୀୟ ବିକାଶ ପରିଷଦ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ହରତାଳ କରିବ। ଆବଶ୍ୟକ ପଡିଲେ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିବ ବୋଲି ବିକାଶ ପରିଷଦ ସଭାପତି ପାଣିଗ୍ରାହୀ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି।




ଖଣ୍ଡପଡା ତହସିଲଦାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

